## ପ୍ରଥମ ପୃଷ୍ଠାରୁ...

### କୁନ୍ଦୁଲୀ ପୀଡିତାକୁ ନ୍ୟାୟ ପାଇଁ ...

ଗମ୍ଭୀରତାର ସହ ବିଚାର କରୁଛନ୍ତି ବୋଲି ସୁଶ୍ରୀ ପାଣ୍ଡେ କହିଛନ୍ତି ।୧୦୦ ଦିନରୁ ଊର୍ଦ୍ଧ୍ୱ ସମୟ ଧରି କୁନ୍ଦୁଲି ପୀଡିତାଙ୍କ କରୁଣ ସ୍ୱରକୁ ମୁଖ୍ୟମନ୍ତ୍ରୀ ଶୁଣି ମଧ୍ୟ ନୀରବ ରହିଲେ । ଅସହ୍ୟ ମାନସିକ ଯନ୍ତ୍ରଣା ସହ୍ୟ କରି ନପାରି ପୀଡିତା ଜଣକୁ ପ୍ରାଣ ହରାଉଥିବାବେଳେ ପ୍ରଚାର ସର୍ବସ୍ୱ ମୁଖ୍ୟମନ୍ତ୍ରୀ ରାଜ୍ୟ ବାହାରେ 'ଆଦର୍ଶ ମୁଖ୍ୟମନ୍ତ୍ରୀ' ପୁରସ୍କାର ଗ୍ରହଣ କରୁଥିଲେ । ଅନ୍ୟ ପଟେ ଅଣ୍ଡା ମାଡ କାରଣରୁ ଅସହାୟ ମହିଳାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଅସଦ୍ ବ୍ୟବହାର ପ୍ରଦର୍ଶନ କରି ସର୍ବ ସମ୍ମୁଖରେ ମାଡ ମରାଯିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ସୁଶ୍ରୀ ପାଣ୍ଡେ କହିଛନ୍ତି ।

ଏଭଳି ଘଟଣା ସଂପୂର୍ଣ୍ଣ ନିନ୍ଦନୀୟ ବୋଲି କହିବା ସହ ସିବିଆଇ ଦ୍ୱାରା ଏହି ଘଟଣାର ତଦନ୍ତ ଆବଶ୍ୟକ ବୋଲି ସୁଶ୍ରୀ ପାଣ୍ଡେ ଦାବି ଜଣାଇଛନ୍ତି । ଏହି ପ୍ରତିନିଧି ଦଳ ୩ ଦିନ ଓଡିଶାରେ ରହି ଘଟଣାର ସଂପୂର୍ଣ୍ଣ ସତ୍ୟାସତ୍ୟ ସଂପର୍କରେ ଅବଗତ ହେବେ । ଆସନ୍ତା ସୋମବାର ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରି ଏହି ପ୍ରତିନିଧି ଦଳ ରାଷ୍ଟ୍ରୀୟ ସଭାପତି ଶ୍ରୀ ଶାହାଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିବେ । ଏହି ଗସ୍ତ କାଳରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡା, ବିଜେପି ରାଜ୍ୟ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ଡ.ଐଶ୍ୱର୍ଯ୍ୟା ବିଶ୍ୱାଳ ପ୍ରମୁଖ ଉକ୍ତ ପ୍ରତିନିଧି ଦଳ ସହ ଉପସ୍ଥିତ ରହିବେ ।

### ଯୁ-୧୯ ଆଇସିସି ବିଶ୍ୱକପ କ୍ରିକେଟ

ସହାୟତାରେ ସର୍ବାଧିକ ୭୬ ରନ୍ କରିଥିଲେ । ସେ ଭାରତୀୟ ଟିମ୍ ପାଇଁ ବିପଦ ସାଜୁଥିବାବେଳେ ବାମହାତୀ ସ୍ପିନର୍ ଅନୁକୂଳ ରାୟଙ୍କ ଏକ ବଲ୍‌କୁ ଭୁଲ୍ ସଟ୍ ମାରି ଶିବ ସିଂହଙ୍କୁ କ୍ୟାଚ୍ ଦେଇ ବସିଥିଲେ । ଟିମ୍ ଅଷ୍ଟ୍ରେଲିଆ ପକ୍ଷରୁ ଭାରତୀୟ ବଂଶୋଦ୍ଭବ ପରମ ଉପ୍ପଲ ୩୪, ଜ୍ୟାକ୍ ଏଡୱାର୍ଡ୍ସ ୨୮ ଏବଂ ନାଥାନ୍ ମ୍ୟାକସ୍ୱେନି ୨୩ ରନ୍‌ର ଉପାଦେୟ ଯୋଗଦାନ କରିଥିଲେ । ଫଳରେ ଯୁବା ଅଷ୍ଟ୍ରେଲିଆ ଦଳ ନିର୍ଦ୍ଧାରିତ ୫୦ ଓଭର୍‌ରେ ୨୧୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଭାରତୀୟ ଦଳ ପକ୍ଷରୁ ଦ୍ରୁତ ବୋଲର ଇଶାନ ପୋରେଲ, କମଲେଶ ନଗରକୋଟି ଏବଂ ସ୍ପିନର୍ ଶିବ ସିଂ ଓ ଅନୁକୂଳ ରାୟ ପ୍ରତ୍ୟେକେ ୨ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିବାବେଳେ ଶିବମ ମାଭି ଗୋଟିଏ ଓ୍ୱିକେଟ୍ ନେଇଥିଲେ ।

ବିଜୟ ପାଇଁ ୨୧୭ ରନ୍‌ର ପିଛା କରି ଭାରତୀୟ ଦଳର ଅଧିନାୟକ ପୃଥ୍ୱୀ ସ' ଏବଂ ମନଜୋତ କାର୍ଲା ବ୍ୟାଟିଂ କରିବାକୁ ଆସିଥିଲେ । ଅଧିନାୟକ ପୃଥ୍ୱୀ ବ୍ୟକ୍ତିଗତ ୨୯ ରନ୍ କରି ସଦରଲ୍ୟାଣ୍ଡଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ । ଏହାପରେ ସେମିଫାଇନାଲ୍‌ରେ ଶତକୀୟ ପାଳି ଖେଳି ଭାରତକୁ ଫାଇନାଲ୍‌ରେ ପହଞ୍ଚାଇଥିବା ଶୁଭମନ୍ ଗିଲ୍ ବ୍ୟାଟିଂ କରିବାକୁ ଆସିଥିଲେ। ଉଭୟ ମନଜୋତ ଏବଂ ଶୁଭମନ୍ ଚିତ୍ତାକର୍ଷକ ବ୍ୟାଟିଂ କରି ଯୁବ ଅଷ୍ଟ୍ରେଲୀୟ ବୋଲରଙ୍କୁ ନିର୍ମମ ପ୍ରହାର କରିଥିଲେ । ମନଜୋତ କାର୍ଲ୍ରା ୧୦୨ଟି ବଲ୍ ଖେଳି ୮ଟି ଚୌକା ଓ ୩ଟି ଛକା ସହାୟତାରେ ସର୍ବାଧିକ ୧୦୧ ରନ କରି ଅପରାଜିତ ରହିଥିବାବେଳେ ତାଙ୍କୁ ଓ୍ୱିକେଟ୍ କିପର ହାର୍ଭିକ ଦେଶାଇ ୪୭ ଏବଂ ଶୁଭମନ୍ ଗିଲ୍ ୩୧ ରନ୍‌ର ଉପଯୋଗୀ ସହାୟତା କରିଥିଲେ । ଫଳରେ ଭାରତୀୟ ଯୁବ ଦଳ ୮ ଓ୍ୱିକେଟ୍ ହାତରେ ରଖି ୭ଟି ବଲ୍ ବାକି ଥାଇ ଫାଇନାଲ୍ ମ୍ୟାଚ୍‌କୁ ଜିତି ଚାମ୍ପିୟନ୍ ହୋଇଛି । ତେବେ ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳର ଏଭଳି ଐତିହାସିକ ବିଜୟ ପରେ ବିସିସିଆଇ ପକ୍ଷରୁ ପୁରସ୍କାର ଘୋଷଣା କରାଯାଇଛି । ଟିମ୍‌ର ପ୍ରତ୍ୟେକ ଖେଳାଳୀଙ୍କୁ ୩୦ ଲକ୍ଷ ଟଙ୍କା ଲେଖାଏଁ ଓ ହେଡ୍ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କୁ ୫୦ ଲକ୍ଷ ଏବଂ ସର୍ପୋର୍ଟ ଷ୍ଟାଫ୍ ସଦସ୍ୟଙ୍କୁ ୨୦ ଲକ୍ଷ ଲେଖାଏଁ ପୁରସ୍କାର ରାଶି ଦେବାକୁ ବିସିସିଆଇ ଘୋଷଣା କରିଛି ।

ପ୍ରକାଶଥାଉକି ଏଥି ପୂର୍ବରୁ ଭାରତ ୨୦୦୦, ୨୦୦୮, ୨୦୧୨ ରେ ମଧ୍ୟ ଚାମ୍ପିୟନ ହୋଇଥିଲା ।

### ଆସାମରେ ରିଲାଏନ୍ସ ଖଟାଇବ ...

ରିଟେଲ୍, ପର୍ଯ୍ୟଟନ ପ୍ରଭୃତି କ୍ଷେତ୍ରରେ ଏହି ଟଙ୍କା ନିବେଶ ହେବ । ଏଥିନେଇ ମୁକେଶ କହିଛନ୍ତି ଯେ, ଆସାମରେ କମ୍ପାନୀ ଏହାର ୪୦ଟି ରିଟେଲ୍ ଡିଭିଜନ ୟୁନିଟ୍ ପ୍ରତିଷ୍ଠା କରିବ । ଏବେ ଏଠାରେ ରିଲାଏନ୍ସର ପ୍ରାୟ ୨୭ଟି ପେଟ୍ରୋଲ୍ ପମ୍ପ ଥିବାବେଳେ ଏହାକୁ ୧୬୫କୁ ବୃଦ୍ଧି କରାଯିବ । ସମସ୍ତ ୧୪୫ଟି ତହସିଲ୍ ମୁଖ୍ୟାଳୟରେ କମ୍ପାନୀ ଏହାର କାର୍ଯ୍ୟାଳୟ ଖୋଲିବ ବୋଲି ସେ କହିଛନ୍ତି । ଏହାଦ୍ୱାରା ରାଜ୍ୟରେ ୮୦ ହଜାର କର୍ମ ନିୟୋଜନ ସୃଷ୍ଟି ହେବାର ସମ୍ଭାବନା ଥିବା ଗ୍ଲୋବାଲ୍ ଇନଭେଷ୍ଟର ସମିଟ୍ ୨୦୧୮ରେ ଶ୍ରୀ ଅମ୍ବାନୀ କହିଛନ୍ତି ।

## ମାଗଣା ସ୍କୁଲ ବ୍ୟାଗ୍ ବଣ୍ଟନ ଟେଣ୍ଡର ବାତିଲ ମାମଲା

# ସରକାରଙ୍କ ନିଷ୍ପତ୍ତି କାଏମ ରଖିଲେ ହାଇକୋର୍ଟ



କଟକ, ୩/୨ (ଶ୍ରୁମି) : ରାଜ୍ୟରେ ପ୍ରଥମରୁ ପଂଚମ ଶ୍ରେଣୀରେ ପଢୁଥିବା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ୨୦୧୭/୧୮ ଶିକ୍ଷା ବର୍ଷରେ ମାଗଣା ସ୍କୁଲ ବ୍ୟାଗ୍ ବଂଟନ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟା ବାତିଲ ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଭିନିତ ଶରଣ ଓ ବିଚାରପତି ଡ. ବି ଆର ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିଦେଇଛନ୍ତି । ଏଥିସହ ସାନି ଟେଣ୍ଡର ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ଏହି ବ୍ୟାଗ୍ ଯୋଗାଣ ପାଇଁ ୧୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ଟେଣ୍ଡର ପ୍ରକ୍ରିୟାରେ ୨୭ ଜଣ ଅଂଶ ଗ୍ରହଣ କରିଥିଲେ । ଟେଣ୍ଡର ଯାଂଚ ପାଇଁ ଗଠିତ ବୈଷୟିକ କମିଟି ୮ ଜଣଙ୍କ ଆବେଦନକୁ ନାକଚ କରିଥିବା ବେଳେ ନମୁନା କମିଟି ୧୫ ଜଣଙ୍କ ଆବେଦନକୁ ନାକଚ କରିଥିଲେ । ଶେଷ ପର୍ଯ୍ୟାୟକୁ ୪ ଜଣ ଟେଣ୍ଡର ପ୍ରକ୍ରିୟାରେ ରହିଥିବା ବେଳେ ବିନା ଲାବୋରେଟୋରୀ ପରୀକ୍ଷାରେ ବ୍ୟାଗ୍ ଗୁଡିକର ପ୍ରକୃତ ନମୁନା ପରୀକ୍ଷା କେବେ ଶତପ୍ରତିଶତ ହୋଇପାରିବ ନାହିଁ ବୋଲି ରିପୋର୍ଟ ପାଇବା ପରେ ସରକାରଙ୍କ ପକ୍ଷରୁ ଓପେପା କର୍ତ୍ତୃପକ୍ଷ ଏହି ଟେଣ୍ଡରକୁ ବାତିଲ କରି ସାନି ଟେଣ୍ଡର ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ । ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ଟେଣ୍ଡରରେ ଅଂଶ ଗ୍ରହଣ କରିଥିବା ଇଣ୍ଟରନ୍ୟାସନାଲ ଟ୍ରେଡ୍ ଲିଙ୍କ୍ ନାମକ ସଂସ୍ଥା ହାଇକୋର୍ଟରେ ଆବେଦନ କରିଥିଲା । ପୂର୍ବରୁ ମାନ୍ୟବର କୋର୍ଟ ସାନି ଟେଣ୍ଡର ପ୍ରକ୍ରିୟା ଉପରେ ରହିତାଦେଶ ଜାରି କରିଥିଲେ । ପରେ ଅନ୍ୟ ୩ ଜଣ ଏଥିରେ ପକ୍ଷଭୁକ୍ତ ହୋଇଥିଲେ । ଖଣ୍ଡପୀଠ ଗତ ୧୮ ତାରିଖରେ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଜ୍ଞାନ ଶର୍ମା, ଅନ୍ୟ ୩ ପକ୍ଷଭୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରଫୁଲ୍ଲ ରଥ, ସୁଦର୍ଶନ ନନ୍ଦ, ଅରୁଣ କୁମାର ବୁଦ୍ଧିଆ ଏବଂ ସରକାରଙ୍କ ପକ୍ଷରୁ ପ୍ରଦୀପ୍ତ ମହାନ୍ତି ମାମଲା ପରିଚାଳନା କରିଥିଲେ ।

## ୭୦ତମ ରାଜ୍ୟ ପୋଲିସ ଦୌଡକୁଦ ପ୍ରତିଯୋଗିତାର ୨ୟ ଦିବସ

ଭୁବନେଶ୍ୱର, ୩/୨ (ଶ୍ରୁମି) : କଳିଙ୍ଗ ଷ୍ଟାଡିୟମ୍ ଠାରେ ଆୟୋଜିତ ହେଉଥିବା ୭୦ତମ ରାଜ୍ୟ ପୋଲିସ ଦୌଡ଼କୁଦ ପ୍ରତିଯୋଗିତାର ୨ୟ ଦିବସରେ ପୁରୁଷମାନଙ୍କ ମଧ୍ୟରେ ୫ଟି ବିଭାଗ ଓ ମହିଳାମାନଙ୍କ ମଧ୍ୟରେ ୪ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରେ ବିଜେତାମାନଙ୍କୁ ପଦକ ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସଚିବ ବିଶାଲ ଦେବ ଆଜି ମୁଖ୍ୟ ଅତିଥି ଭାବେ ଅଂଶଗ୍ରହଣ କରି କୃତି ପ୍ରତିଯୋଗୀମାନଙ୍କୁ ପଦକ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀ ଦେବ ପ୍ରତିଯୋଗିତାରେ କିଛି ନିର୍ଦ୍ଦିଷ୍ଟ ବିଭାଗରେ ସଫଳତା ପାଇଁ କ୍ରୀଡ଼ା ବିଭାଗ ତରଫରୁ ପୁରସ୍କାର ରାଶି ଘୋଷଣା କରିଛନ୍ତି । ଚଳିତ ବର୍ଷ ଠାରୁ ରାଜ୍ୟ ପୋଲିସ ଦୌଡ଼କୁଦ ପ୍ରତିଯୋଗିତାରେ ଶ୍ରେଷ୍ଠ ପୁରୁଷ ଓ ମହିଳା ଖେଳାଳିଙ୍କୁ ୧୦ ହଜାର ଟଙ୍କା, ମାରାଥନ ଦୌଡ଼ରେ ସ୍ୱର୍ଣ୍ଣ ପଦକ ପାଇଁ ୧୦ ହଜାର ଟଙ୍କା, ରୌପ୍ୟ ପଦକ ପାଇଁ ୭,୫୦୦ ଟଙ୍କା ଏବଂ ବ୍ରୋଞ୍ଜ ପଦକ ପାଇଁ ୫ ହଜାର ଟଙ୍କା ପ୍ରଦାନ କରାଯିବ । ସେହିପରି ୪ × ୪୦୦ ମିଟର ଉଭୟ ପୁରୁଷ ଓ ମହିଳା ଦଳକୁ ୧୦ ହଜାର ଟଙ୍କା କରି ପ୍ରଦାନ କରିଯବ ବୋଲି ସଚିବ ଶ୍ରୀ ଦେବ ଘୋଷଣା କରିଛନ୍ତି ।



## ନକଲି ପ୍ରସାଧନ ସାମଗ୍ରୀ ଓ ଜର୍ଦ୍ଦା ଜବତ ; ୧ ଗିରଫ

କଟକ, ୩/୨ (ଶ୍ରୁମି) : ବାଦାମବାଡି ଥାନା ପୋଲିସ ସ୍ଥାନୀୟ ବିଶ୍ରାମ ନଗର ଦାସସାହି ରେ ଚଢଉ କରି ୫୦୦ ଗ୍ରାମ ର ୮୬ଟି ନକଲି ଗୋପାଳ ୬୦ ଜର୍ଦ୍ଦା ପାଉଚ, ୧୫ ଟି ନକଲି ଗୋପାଳ ୬୦ ଜର୍ଦ୍ଦା ଖାଲି କାର୍ଟୁନ୍, କମ୍ପାଉଣ୍ଡ ୧୬୦ ଓ ୫୦୦ ମିଲି ହେମାନି ଅରୋମେଟିକ ପରଫ୍ୟୁମ ପୂର୍ଣ୍ଣ ୧୨ ଟି ବୋତଲ, ଏସବୁ ବ୍ରାଣ୍ଡ ର ଖାଲି ଥିବା ୩୨ ଟି ବୋତଲ, ସିଲଭର ଜରି ୧ ପ୍ୟାକେଟ, ୧ ଟି ପାଉଚ ପ୍ୟାକିଂ ମେସିନ, ଏବଂ ୧ଟି ଟିଣ ପ୍ୟାକିଂ ମେସିନ ଆଦି ଜବତ କରିବା ସହ ଏସବୁ ନକଲି ଜିନିଷ କାରବାର କରୁଥିବା ଅଭିଯୋଗରେ ପ୍ରଭାତ କୁମାର ସାହୁ(୫୨) ଙ୍କୁ ଗିରଫ କରିଛି । ଏସମ୍ପର୍କରେ ବାଦାମବାଡି ଥାନା ରେ ୩୬/୨୦୧୮ ନମ୍ବର ମକଦ୍ଦମା ରୁଜୁ କରାଯାଇ ପୋଲିସ ତଦନ୍ତ ଜାରି ରହିଛି । ସେହିପରି ଉକ୍ତ ଜାଗା ରୁ ପୋଲିସ ଅଗୁରୁ ଗନ୍ଧ ହେଉଥିବା ୩ଟି ବ୍ଲୁ ରଙ୍ଗ ର ପ୍ଲାଷ୍ଟିକ ବ୍ୟାରେଲ, ପୂର୍ଣ୍ଣ ଥିବା ୨୧୦୦ ଟି ୨୫ ମିଲି ବିଶିଷ୍ଟ ଅଗୁରୁ ବୋତଲ, ୯୮୦ ଟି ଖାଲି ଅଗୁରୁ ବୋତଲ, ୨ କାର୍ଟୁନ ଅଗୁରୁ ବୋତଲ ଠିପି, ୧ କାର୍ଟୁନ ଅଗୁରୁ ଷ୍ଟିକର, ୨୫୦ ମିଲି ବିଶିଷ୍ଟ ୧୦୩୦ ଟି ଉଜାଲ ନୀଳ ବୋତଲ, ୮୨୦ଟି ୨୫ ଗ୍ରାମ ବିଶିଷ୍ଟ ନକଲି ଫେୟାର ଆଣ୍ଡ ଲଭଲି ଟ୍ୟୁବ୍, ୧୦୦ ମିଲି ର ୬ ଟି ବାଜାଜ ଆଲମଣ୍ଡ ଡ୍ରପ୍ ଆଦି ଜବତ କରିଥିବା ବେଳେ ସେ ସମ୍ପର୍କରେ ବାଦାମବାଡି ଥାନା ରେ ୩୭/୨୦୧୮ ନମ୍ବର ମକଦ୍ଦମା ରୁଜୁ ହୋଇଛି । ଉଭୟ ମାମଲାରେ ଅଭିଯୁକ୍ତ ପ୍ରଭାତ କୁ ଗିରଫ କରାଯାଇଥିବା ବେଳେ ମାମଲା ଦ୍ୱୟ ର ତଦନ୍ତ ଜାରି ରହିଛି ।



## ୧୫୦୦ ଟଙ୍କା ଲାଂଚ ନେଇ ଆର୍‌ଆଇ ଗିରଫ

କଟକ, ୩/୨ (ଶ୍ରୁମି) : ସରକାରୀ ଜାଗା ରେ ଖୋଲିଥିବା ଏକ ଭୋଗ ଦୋକାନ କୁ ଉଚ୍ଛେଦ ନ କରିବା ପାଇଁ ଏବଂ ସେବାବଦ ମନି ରସିଦ ଦେବା ନିମନ୍ତେ ମୟୁରଭଂଜ ଜିଲ୍ଲା ରାଇରଙ୍ଗପୁର ଥାନା ଅନ୍ତର୍ଗତ ବିଜତଳା ଗ୍ରାମ ର ସଂଜୟ କୁମାର ବେହେରା ଙ୍କ ଠାରୁ ୧୫୦୦ ଟଙ୍କା ଲାଂଚ ନେବା ବେଳେ ବାଲେଶ୍ୱର ଡିଭିଜନ ଭିଜିଲାନସ ଟିମ ଜାଲରେ ପଡିଛନ୍ତି । ବିଜତଳା ରାଜସ୍ୱ ସର୍କଲ ର ରାଜସ୍ୱ ନିରୀକ୍ଷକ(ଆରଆଇ) ଦିଲୀପ କୁମାର ପାତ୍ର । ମିଳିଥିବା ଖବର ଅନୁସାରେ ଶ୍ରୀ ବେହେରାଙ୍କ ବିରୋଧରେ ସରକାରୀ ଜାଗା ଜବରଦଖଲ ଅଭିଯୋଗରେ ୨୧୬/୨୦୧୭ ନମ୍ବର ଜବରଦଖଲ ମାମଲା ବିଜତଳା ତହସିଲ ରେ ରୁଜୁ ହୋଇଥିଲା । ସେହି ମାମଲାକୁ କାର୍ଯ୍ୟକାରୀ ନ କରିବା ତଥା ସେହି ଭୋଗ ଦୋକାନ କୁ ଉଚ୍ଛେଦ ନ କରିବା ପାଇଁ ଶ୍ରୀ ବେହେରାଙ୍କ ଠାରୁ ଶ୍ରୀ ପାତ୍ର ୫ ହଜାର ଟଙ୍କା ଦାବି କରିଥିଲେ । ତେବେ ମୂଲଚାଲ ହେବା ପରେ ତାହା ୧୫୦୦ ଟଙ୍କା ରେ ଫାଇନାଲ ହୋଇଥିଲା । ତଦନୁସାରେ ଖବର ପହଂଚିଥିଲା ବାଲେଶ୍ୱର ଭିଜିଲାନସ ଡିଭିଜନ ଏସପି ଙ୍କ ପାଖରେ ଏବଂ ଶ୍ରୀ ପାତ୍ର ଙ୍କୁ ଜାଲ ରେ ପକାଇବାକୁ ଯୋଜନା କରାଯାଇଥିଲା ।

ଆଜି ଶ୍ରୀ ପାତ୍ର ୧୫୦୦ ଟଙ୍କା ଶ୍ରୀ ବେହେରା ଙ୍କ ଠାରୁ ନେଉଥିବା ବେଳେ ଧରାପଡିଥିଲେ । ସେହି ଟଙ୍କା ତାଙ୍କ ହେପାଜତ ରୁ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯିବା ପରେ ସେହି ଅଫିସ ପରିସରରେ ଥିବା ତାଙ୍କର ସରକାରୀ କ୍ୱାର୍ଟର କୁ ଭିଜିଲାନସ ପକ୍ଷରୁ ତଲାସୀ ନିଆଯାଇଥିଲା । ଏ ସମ୍ପର୍କରେ ସେହି ବାଲେଶ୍ୱର ଭିଜିଲାନସ ଥାନା ରେ ୬/୨୦୧୮ ନମ୍ବର ମକଦ୍ଦମା ରୁଜୁ କରାଯାଇଛି ।

## ଆଦିବାସୀ ଉପଦେଷ୍ଟା ପରିଷଦ ପୁନର୍ଗଠିତ

ଭୁବନେଶ୍ୱର, ୩/୨ (ଶ୍ରୁମି) : ଆଦିବାସୀ ଉପଦେଷ୍ଟା ପରିଷଦ ପୁର୍ନଗଠିତ ହୋଇଛି । ଏହି ପରିଷଦରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧ୍ୟକ୍ଷ ଥିବାବେଳେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଉପାଧ୍ୟକ୍ଷ ଅଛନ୍ତି ।

ଏହି ପରିଷଦର ଅନ୍ୟ ୧୮ ଜଣ ସଦସ୍ୟ ହେଉଛି ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ୍, କୋରାପୁଟ ସାଂସଦ ଝିନ ହିକ୍‌କା, ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝୀ, କେଉଁଝର ବିଧାୟକ ଅଭିରାମ ନାଏକ, ଯଶୀପୁର ବିଧାୟକ ମଙ୍ଗଳ ସିଂହ ମୁଦି, ବାରିପଦା ବିଧାୟକ ସାନନ୍ଦ ମାରାଣ୍ଡି, ଡାବୁଗାଁ ବିଧାୟକ ଭୂଜବଳ ମାଝୀ, ଗୁଣୁପୁର ବିଧାୟକ ଲାଲ୍ ବିହାରୀ ହିମିରିକା, ତେଲକୋଇ ବିଧାୟକ ବେଦବ୍ୟାସ ନାୟକ, ସରସକଣା ବିଧାୟକ ଭାଦବ ହାଁସଦା, ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ଉମରକୋଟ ବିଧାୟକ ସୁବାସ ଗଣ୍ଡ, ବାଲିଗୁଡ଼ା ବିଧାୟକ ରାଜୀବ ପାତ୍ର, କୋଟାପଡ଼ୁ ବିଧାୟକ ଚନ୍ଦ୍ରଶେଖର ମାଝୀ, ମାଲକାନାଗିରି ବିଧାୟକ ମାନସ ମାଡ଼କାମି, କେଉଁଝର ସରକାରୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. ଲକ୍ଷ୍ମୀପ୍ରିୟା ଦେଇ ।

୨୦୧୮ ମସିହା ଜାନୁଆରୀ ୩୧ ତାରିଖ ଠାରୁ ଏହି ପରିଷଦ ୨ ବର୍ଷ ପାଇଁ କାର୍ଯ୍ୟ କରିବ । ଅନୁସୂଚିତ ଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରିନ୍ସିପାଲ୍ ସେକ୍ରେଟେରୀ / କମିଶନର ତଥା ଶାସନ ସଚିବ ଏହି ଆଦିବାସୀ ଉପଦେଷ୍ଟା ପରିଷଦର ସେକ୍ରେଟାରୀ ଭାବେ କାର୍ଯ୍ୟ କରିବେ ବୋଲି ଜାନୁଆରୀ ୩୧ ତାରିଖରେ ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି ।

## ପୋଲିସ ମହାନିର୍ଦ୍ଦେଶକଙ୍କୁ ଭେଟି ସ୍ମାରକ ପତ୍ର ପ୍ରଦାନ

# ଆଇନ ଅନୁଯାୟୀ କାର୍ଯ୍ୟ କରିବାକୁ ଦାବି

ଭୁବନେଶ୍ୱର, ୩/୨ (ଶ୍ରୁମି) : ରାଜ୍ୟ ପୋଲିସ ବିଜୁ ଜନତା ଦଳର ବେତନ ଭୋଗୀ କର୍ମଚାରୀ ନହନ୍ତି । ସାଧାରଣ ରାଜ୍ୟବାସୀଙ୍କ ଧନ, ଜୀବନର ସୁରକ୍ଷା ପ୍ରଦାନ ପାଇଁ ରାଜ୍ୟ ପୋଲିସ ରାଜ୍ୟବାସୀଙ୍କ କଷ୍ଟଲବ୍ଧ ରୋଜଗାର ଅର୍ଥରେ ମୋଟା ଅଂକର ଦରମା ସହ ସମସ୍ତ ପ୍ରକାରର ସୁବିଧା ସୁଯୋଗ ପାଉଛନ୍ତି । ଶାସକ ବିଜେଡିର ହାତବାରିସୀ ଭାବେ ନୁହେଁ ବରଂ ଆଇନ ଅନୁଯାୟୀ କାମ କରିବାକୁ ପୋଲିସ ନେଇଥିବା ଶପଥକୁ ମନେ ପକାଇ, ସେହି ଭାବରେ କାର୍ଯ୍ୟ କରିବାକୁ ବିଜେପି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଦାବୀ ଜଣାଇ ସ୍ମାରକ ପତ୍ର ପ୍ରଦାନ କରିଛି ।

ରାଜ୍ୟ ବିଜେପି ଉପ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ପୋଲିସ ମହାନିର୍ଦ୍ଦେଶକଙ୍କ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟକୁ ଯାଇ ଦାବୀ ପତ୍ର ପ୍ରଦାନ କରିଛି ।

ଗତ ଜାନୁଆରୀ ୩୧ ତାରିଖରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ତାଳସରୀଠାରେ ମୁଖ୍ୟମନ୍ତ୍ରୀଙ୍କ ସଭା ମଂଚକୁ ଜଣେ ମହିଳା ଅଣ୍ଡା ଫୋପାଡିବାର ଅଭିଯୋଗ ହୋଇଥିଲା । ସଂପୃକ୍ତ ମହିଳା ଶ୍ରୀମତୀ ମିତା କାମିଲାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ତରଫରୁ ଭାରତୀୟ ପିନାଲ କୋର୍ଟର ଧାରା ୩୦୭ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ସଂପୃକ୍ତ ମହିଳା ଜଣକ ଅଣ୍ଡା ପକାଇଥିଲେ ନା ନାହିଁ; ଯଦି ପକାଇଥିଲେ କାହିଁକି ପକାଇଥିଲେ; ଅଣ୍ଡା ପକାଇବାର ଉଦ୍ଦେଶ୍ୟ କେବଳ ପ୍ରତିବାଦ ଜଣାଇବା ପାଇଁ ନା ମୁଖ୍ୟମନ୍ତ୍ରୀଙ୍କୁ ମାରିଦେବା, ଏହା ତଦନ୍ତ ସାପେକ୍ଷ । ମାତ୍ର ପୋଲିସର ଉପସ୍ଥିତିରେ ଶାସକ ବିଜେଡିର କାର୍ଯ୍ୟକର୍ତ୍ତାମାନେ ଉକ୍ତ ମହିଳାଙ୍କୁ ସର୍ବ ସମ୍ମୁଖରେ ବେଇଜ୍ଜତ କରାଯିବା ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବା କାରଣରୁ ରାଜ୍ୟବାସୀ ଦେଖିବାକୁ ପାଇଛନ୍ତି । ସଂପୃକ୍ତ ମହିଳାଙ୍କୁ ଉଲଗ୍ନ କରାଯାଇ ପୋଲିସ ଉପସ୍ଥିତିରେ ଘୋଷାଡି ଘୋଷାଡି ନିଆଯିବା ସମସ୍ତେ ଦେଖିଛନ୍ତି । ଏପରିକି ତାଙ୍କୁ ମାରିଦେବାର ଉଦ୍ୟମ କରାଯାଇଥିଲା । ଶାସକ ବିଜେଡିର ଗୁଣ୍ଡାମାନେ ପାଟିରେ ନବୀନ ପଟ୍ଟନାୟକ ଜିନ୍ଦାବାଦ ଓ ହାତରେ ସଂପୃକ୍ତ ମହିଳାଙ୍କ ପୋଷାକ ଟାଣିବା ଓ ଶରୀରରେ ଘୋର ଆଘାତ ଦେବା ଭଳି ଘଟଣା ସର୍ବ ସମ୍ମୁଖରେ ଘଟିଲା, ଯାହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଏହି ପ୍ରତିନିଧି ଦଳ ଅଭିଯୋଗ କରିଛି ।



ଏହି ଘଟଣା ରାଜ୍ୟ ପୋଲିସର ଦୋ ମୁହାଁ ନୀତିକୁ ସ୍ପଷ୍ଟ କରୁଛି । ଅଣ୍ଡା ପକାଉଥିବା ବୋଲି କୁହାଯାଉଥିବା ମହିଳାଙ୍କୁ ପୋଲିସ ମୁଖ୍ୟମନ୍ତ୍ରୀଙ୍କୁ ଜୀବନରୁ ମାରି ଦେବାର ଉଦ୍ୟମ ଅଭିଯୋଗରେ ଗିରଫ କରାଯାଇଛି । ଅପର ପକ୍ଷରେ ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରା ଦେଇ ଉକ୍ତ ମହିଳାଙ୍କ ଇଜ୍ଜତ ସହ ଖେଳିବା ଓ ଜୀବନରୁ ମାରି ଦେବାର ଉଦ୍ୟମ କରିଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା ତ ଦୂରର କଥା, ବର୍ତ୍ତମାନ ସୁଦ୍ଧା ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ନାହିଁ । ଉପସ୍ଥିତ ପୋଲିସ ମହିଳାଙ୍କର ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରିବା ସହ ଘୋଷାଡି ଘୋଷାଡି ନେବା ଦୃଶ୍ୟ ସମଗ୍ର ଓଡିଶା ଦେଖିଥିବାର ଏହି ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି ।

୯୦ ହଜାର ଟଙ୍କା ଲାଂଚ ଦେଇ ତାକୁ ଚୁପ୍ କରାଇବାର ପୋଲିସ ଦ୍ୱାରା ପ୍ରୟାସ ପ୍ରସଙ୍ଗରେ କୁନ୍ଦୁଲୀ ଗଣ ଦୁଷ୍କର୍ମ ପୀଡିତା ଜଣକ ଅଭିଯୋଗ ଆଣିଥିଲେ । ଏପରି ପରିସ୍ଥିତିରେ ନା ରାଜ୍ୟ ସରକାର, ନା ଆପଣଙ୍କ ନେତୃତ୍ୱରେ ଥିବା ପୋଲିସ ଉପରେ ରାଜ୍ୟବାସୀଙ୍କ ଭରସା ଅଛି ବୋଲି ବିଜେପିର ପ୍ରତିନିଧି ଦଳ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ କରିଛି । ସରକାର କିମ୍ବା ଅମଲାତନ୍ତ୍ର କେହି ହେଲେ ଗଣତନ୍ତ୍ରର ଉର୍ଦ୍ଧରେ ନୁହଁ । ଏଭଳି ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ମହିଳାଙ୍କ ଇଜ୍ଜତ ରକ୍ଷା ପାଇଁ ଆଇନ ଅନୁଯାୟୀ କାର୍ଯ୍ୟ କରିବାକୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ଆଶା କରାଯାଉଛି ।

ଏହି ପ୍ରତିନିଧି ଦଳରେ ଶ୍ରୀ ମହାନ୍ତିଙ୍କ ସମେତ ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପ ସଭାପତି ମହେଶ୍ୱର ସାହୁ, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ସୁରଥ ବିଶ୍ୱାଳ, ଉର୍ମିଳା ମହାପାତ୍ର, ରାଜେନ୍ଦ୍ର ପଣ୍ଡା, କସ୍ତୁରୀ ମିଶ୍ର, ସୁନୀତା ମହାନ୍ତି, ପଂଚାନନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## କରାଟେ ଚମ୍ପିୟାନସିପ୍‌ରେ ଓଡିଶାରୁ ୫ ପ୍ରତିଯୋଗୀ

କଟକ, ୩/୨ (ଶ୍ରୁମି) : ବିଶାଖାପାଟନମ୍ ରାଜୀବ ଗାନ୍ଧି ଇଣ୍ଡୋର ଷ୍ଟାଡିୟମରେ ୨ ତାରିଖରୁ ୪ ତାରିଖ ପର୍ଯ୍ୟଂ ହେଉଥିବା ସିକୋ କାଇ କରାଟେ ଚମ୍ପିୟାନସିପ୍ ପାଇଁ ଓଡିଶାରୁ ୫ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ପ୍ରଶିକ୍ଷକ ଡ. ମନୋରଂଜନ ସାସମଲଙ୍କ ତତ୍ତ୍ୱାବଧାନରେ ଯୋଗେଶ୍ୱର ବେହେରା, କୁଣ୍ଡା ମାଝି, ସତ୍ୟରଂଜନ ଜେନା, ଏସ ନିଖିଲ ବିନୟ ଓ ଯଜ୍ଞବିଭୁତି ନାୟକ ପ୍ରମୁଖ ବିଶାଖାପାଟନମ ଯାଇଥିବା ଓଡିଶା ସିକୋ କାଇ କରାଟେ ପକ୍ଷରୁ ସୂଚନା ଦିଆଯାଇଛି ।

## ନୀତିଶ୍ଳୋକ

**ସମଂ ପଶ୍ୟନ୍ ହି ସର୍ବତ୍ର ସମବସ୍ଥିତମୀଶ୍ୱରମ୍ ।
ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ଯାତି ପରାଂ ଗତିମ୍ ॥**

**କାରଣ ସର୍ବଦା ସମରୂପେ ସ୍ଥିତ ଈଶ୍ୱରଙ୍କୁ ସମାନରୂପେ ଦର୍ଶନ କରୁଥିବା ମନୁଷ୍ୟ ନିଜ ଦ୍ୱାରା ନିଜର ହିଂସା କରେ ନାହିଁ, ତେଣୁ ସେ ପରମଗତି ପ୍ରାପ୍ତ ହୁଏ ।**

# କର୍ଣ୍ଣିସେନାର ଅପରିଣାମଦର୍ଶିତା

ସଞ୍ଜୟଲୀଳା ଭନସାଲିଙ୍କ ହିନ୍ଦୀ ସିନେମା ପଦ୍ମାବତକୁ ନେଇ ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା । ରାଜସ୍ଥାନର ମେଆଡ଼ର ରାଣୀ ପଦ୍ମବତୀଙ୍କ ସହ ସୁଲତାନ ଆଲ୍ଲାଉଦ୍ଦିନ ଖିଲଜୀଙ୍କ ପ୍ରେମକାହାଣୀକୁ ନେଇ ଏହି ସିନେମା ନିର୍ମିତ ବୋଲି ନିର୍ଦ୍ଦେଶକ କହୁଥିଲାବେଳେ ରାଣୀ ପଦ୍ମାବତୀଙ୍କ ପରିବାର, ଶ୍ରୀରାଜପୁତ କର୍ଣ୍ଣିସେନା , ମେଓ୍ୱାର ରାଜବଂଶ ଓ ବିଭିନ୍ନ ସଂଗଠନ ଏହାକୁ ବିରୋଧ କଲେ । ଘଟଣାରେ ଶ୍ରୀରାଜପୁତ କର୍ଣ୍ଣିସେନା ସମସ୍ତଙ୍କୁ ଉସୁକାଇବା ଭଳି କାମ କଲା । ଫଳ ସ୍ୱରୂପ ମୁମ୍ବଇ, ଜୟପୁର, ହରିୟାଣା , ଉତ୍ତରପ୍ରଦେଶ , ହିମାଚଳ ପ୍ରଦେଶ ସମେତ ସବୁ ସ୍ଥାନରେ ଏହି ଚଳଚ୍ଚିତ୍ରରେ ରାଣୀ ପଦ୍ମାବତୀଙ୍କ ଚରିତ୍ରକୁ ବିକୃତ କରି ଉପସ୍ଥାପିତ କରାଯାଇଥିବା ଦର୍ଶାଇ ନିନ୍ଦା କରାଗଲା । ପରିସ୍ଥିତି ଏପରି ହେଲା ଯେ, ଦିଲ୍ଲୀରେ କ୍ଷତ୍ରୀୟ ମହାସଭା , ଝାରଖଣ୍ଡ ଓ ବାରାଣସୀରେ ହିନ୍ଦୁ ସେନା ପକ୍ଷରୁ ମଧ୍ୟ ବିରୋଧ କରାଗଲା । ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖା ଦେଲା । ଏପରିକି ଅଭିନେତ୍ରୀ ଦୀପିକା ପାଦୁକୋନ ଓ ଭନସାଲିଙ୍କୁ ମୁଣ୍ଡ କାଟି ହତ୍ୟା କଲେ ୧୦ କୋଟି ଟଙ୍କା ଦେବାକୁ ଘୋଷଣା କରାଯାଇଥିଲା । ଶ୍ରୀରାଜପୁତ କର୍ଣ୍ଣିସେନା ଦୀପିକାଙ୍କ ନାକ କାଟି ଦେବାକୁ ଧମକ ଦେଇଥିଲା । ଦୀପିକା ଓ ସଂଜୟ ଭନସାଲିଙ୍କ ମୁଣ୍ଡ ପାଇଁ ପ୍ରତ୍ୟେକ ୫ କୋଟି କରି ୧୦ କୋଟି ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରାଗଲା । ପଦ୍ମାବତୀ (ପଦ୍ମାବତ) ଫିଲ୍ମରେ ଇତିହାସକୁ କଦର୍ଥ କରାଯାଇଥିବାରୁ ଏହାର ସୁଦୂର ପ୍ରଭାବ ପଡିବ ବୋଲି ଶ୍ରୀରାଜପୁତ କର୍ଣ୍ଣିସେନା ଓ ମେଓ୍ୱାରର ରାଜ ପରିବାର ଅଭିଯୋଗ କଲେ । ଏହା ଏକ ଚଳଚ୍ଚିତ୍ର ନୁହେଁ ବରଂ ଦେଶର ଇତିହାସ ବୋଲି ସେମାନେ ଦାବି କରୁଥିଲେ । ଭନସାଲି ରାଣୀ ପଦ୍ମବତୀଙ୍କୁ ରାଣୀରୁ ଜଣେ ନାଚବାଲୀ କରି ଉପସ୍ଥାପନ କରିଥିବା କୁହାଗଲା । ଭନସାଲି ଇତିହାସ ଉପରେ ତର୍ଜମା ନକରି ନିମ୍ନମାନର ଚଳଚ୍ଚିତ୍ର ନିର୍ମାଣ କରି ରାଜପୁତ ଭାବନା ସହ ବିଶ୍ୱାସଘାତ କରିଥିବା ସେମାନେ ଦାବି କଲେ । ଶ୍ରୀରାଜପୁତ କର୍ଣ୍ଣିସେନା ଦର୍ଶାଇଥିଲା ଯେ, ବିରାଙ୍ଗନା ରାଣୀ ପଦ୍ମାବତୀ ନିଜର ସତୀତ୍ୱ ପାଇଁ ଆତ୍ମଦାହ କରିଥିଲେ । ଦୀପିକା ତାଙ୍କ ମହାନ ଚରିତ୍ରକୁ ଅପମାନିତ କରିଥିବାରୁ ତାଙ୍କୁ ମଧ୍ୟ ଜିଅନ୍ତା ଜଳାଇ ଦେବା ଉଚିତ । ଏଥି ସହିତ ଉକ୍ତ ଚଳଚ୍ଚିତ୍ରରେ ଆଲ୍ଲାଉଦ୍ଦିନ ଖିଲଜୀଙ୍କ ଭୂମିକା ନିର୍ବାହ କରିଥିବା ରଣବୀର ସିଂହଙ୍କ ଗୋଡ ଭାଙ୍ଗି ଦେବାକୁ ଧମକ ଦିଆଯାଇଥିଲା । ଅପରପକ୍ଷରେ ଏଭଳି ବିବାଦୀୟ ସ୍ଥିତି ଯୋଗୁଁ ଏହି ଚଳଚ୍ଚିତ୍ରକୁ ରାଜସ୍ଥାନ, ଗୋଆ ଓ ମଧ୍ୟପ୍ରଦେଶ ଭଳି ରାଜ୍ୟରେ ରିଲିଜ ହେବାକୁ ସୁଯୋଗ ମିଳିଲା ନାହିଁ । ଶ୍ରୀରାଜପୁତ କର୍ଣ୍ଣିସେନାର ବିରୋଧ ଓ ଆପତ୍ତି ଯୋଗୁଁ ଏହି ଚଳଚ୍ଚିତ୍ରକୁ ରିଲିଜ କରାଇବା ନେଇ ଉତ୍ତର ପ୍ରଦେଶ ଭଳିସ କିଛି ରାଜ୍ୟ କୁଣ୍ଠାପ୍ରକାଶ କଲେ । ଫଳରେ ଏହି ଚଳଚ୍ଚିତ୍ରକୁ ସେନସର ବୋର୍ଡ ମଧ୍ୟ ଫେରାଇ ଦେଲା । ପ୍ରମାଣନ ପତ୍ର ପାଇବାକୁ ଏହାର ନିର୍ମାତା ପୁଣି ଥରେ ସେନସର ବୋର୍ଡ ନିକଟରେ ଆବେଦନ କଲେ । ଏହି ମାମଲାକୁ ଅଗ୍ରାଧିକାର ଭିତ୍ତିରେ ସେନସର ବୋର୍ଡ ବିଚାର କରି ସର୍ତ୍ତମୂଳକ ଭାବେ ପ୍ରମାଣ ପତ୍ର ଦେବାକୁ ରାଜି ହୋଇଥିଲେ । ଚଳଚ୍ଚିତ୍ର ଐତିହାସିକ ନା କାଳ୍ପନିକ ତାହାକୁ ନେଇ ଚର୍ଚ୍ଚ ହେଲା । ଏପରିକି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା । ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରି ଚଳଚ୍ଚିତ୍ରର ରିଲିଜ କେହି ରୋକି ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ । ଏଭଳି ବାଦ ବିବାଦ ମଧ୍ୟରେ ଚଳଚ୍ଚିତ୍ରଟି ଗତମାସ ୨୫ରେ ରିଲିଜ ହୋଇଥିଲା । ଚଳଚ୍ଚିତ୍ର ରିଲିଜ ହେବାର ୮ ଦିନ ପରେ ଘଟଣାକ୍ରମ ବଦଳିଯାଇଛି । ଶ୍ରୀରାଜପୁତ କର୍ଣ୍ଣିସେନା ପଦ୍ମାବତ ଚଳଚ୍ଚିତ୍ରକୁ ନେଇ ଗତ କିଛି ମାସ ହେଲା ଯେପରି ହୋ ହଲ୍ଲା ଓ ବିରୋଧ କରୁଥିଲା ହଠାତ ଏଥିରେ ଯବନିକା ପଡିଛି । ଶ୍ରୀରାଜପୁତ କର୍ଣ୍ଣି ସେନା ବିରୋଧକୁ ପ୍ରତ୍ୟାହାର କରିନେବା ସହ ଚଳଚ୍ଚିତ୍ରର ନିର୍ମାତା ଓ ନିର୍ଦ୍ଦେଶକ ସଂଜୟଲୀଳା ଭଂଶାଲୀଙ୍କୁ ଓଲଟା ପ୍ରଶଂସା କରିଛି । ଏହା ଭଲ କଥା । କିନ୍ତୁ ପ୍ରଶ୍ନ ଉଠୁଛି ଶ୍ରୀରାଜପୁତ କର୍ଣ୍ଣି ସେନାକୁ କ'ଣ ଚଳଚ୍ଚିତ୍ର ସମ୍ପର୍କରେ ସତ୍ୟତା ଏବେ ଜଣାପଡିଲା ? ଶ୍ରୀରାଜପୁତ କର୍ଣ୍ଣି ସେନା କ'ଣ ଚଳଚ୍ଚିତ୍ର ପୂର୍ବରୁ ଦେଖିନଥିଲା ? ଯଦି ଦେଖିନଥିଲା ତେବେ ଏହାକୁ ନେଇ ସୁଟିଂ ସମୟରୁ କାହିଁକି ପ୍ରତିବାଦ କରାଯାଉଥିଲା ? ସେଟ ଜଳାଇ ଦେବା , ନିର୍ମାତା , ଅଭିନେତା ଓ ଅଭିନେତ୍ରୀଙ୍କୁ ହତ୍ୟା ଧମକ ଦେବା , ହତ୍ୟା କରି ମୁଣ୍ଡ ଦେଖାଇଲେ ପୁରସ୍କାର ଦେବାକୁ ଘୋଷଣା କରିବା ଭଳି ଅସ୍ପୃହଣୀୟ କାର୍ଯ୍ୟ କାହିଁକି କରାଯାଉଥିଲା ? ଏହା ଦ୍ୱାରା ଭାରତର ଛବି ଖରାପ ହୋଇଛି । ଭାରତର ଦର୍ଶକ ପରିପକ୍ୱ ନୁହନ୍ତି ଓ ସେମାନଙ୍କ ବିଚାର ଶକ୍ତି ମଧ୍ୟଯୁଗୀୟ ବୋଲି ଧାରଣା ସୃଷ୍ଟି ହେଲା । ଏହା ଦ୍ୱାରା ଯେଉଁ ବଡ କ୍ଷତି ହୋଇଛି ସେଥି ପାଇଁ ଦାୟୀ କିଏ ହେବ ?

ସୃଜନଶୀଳ ସିନେମା ନିର୍ମାଣ କରିବା ଏତେ ସହଜ ନୁହେଁ । ଏଥି ପାଇଁ ଅନେକ କଷ୍ଟ ସ୍ୱୀକାର କରି, ଆର୍ଥିକ ବୋଝକୁ ଖାତିର ନକରି ପ୍ରଯୋଜକ ଓ ନିର୍ମାତାମାନେ ସିନେମା ନିର୍ମାଣ କରିଥାନ୍ତି । ଯାହା ଚଳଚ୍ଚିତ୍ର ଜଗତରେ କେବଳ ଇତିହାସ ସୃଷ୍ଟି କରେ ନାହିଁ ବରଂ ଜନମାନସରେ ଅଭିଭା ହୋଇ ରହିଯାଏ । ଏହି କାରଣରୁ ଗୁଣାତ୍ମକ ଓ ଯୁଗୋପଯୋଗୀ ସିନେମା ନିର୍ମାଣ ବିରଳ ହୋଇପଡିଛି । ଜଣେ ଯଦି କେହି ଏଭଳି ଚଳଚ୍ଚିତ୍ର ନିର୍ମାଣ କରୁଛି ତାହାକୁ ବିରୋଧ କରାଯିବା ଉଚିତ ନୁହେଁ । ଜଣେ ସୃଜନଶୀଳ ନିର୍ଦ୍ଦେଶକଙ୍କ କଳାତ୍ମକ ଫିଲ୍ମ ମୁକ୍ତିଲାଭ କରିବା ଆଗରୁ ଏହାକୁ ନଦେଖି ବିଚାର ବିମର୍ଶ ଓ ସମୀକ୍ଷା ନକରି ବିରୋଧ କରିବା ଅବିମୃଶ୍ୟକାରିତାର ପରିଚୟ । ଏଭଳି ସ୍ଥିତି ସିନେମା ଶିଳ୍ପକୁ ଶକ୍ତ ଧକ୍କା ସଦୃଶ । ସିନେମା ଶିଳ୍ପ ସହ ଜଡ଼ିତ ବ୍ୟକ୍ତିବିଶେଷ ଏଭଳି ଦିଗକୁ ନେଇ ଆଗାମୀ ଦିନରେ ସତର୍କ ରହିବା ଉଚିତ । ଏହା ଦ୍ୱାରା କେବଳ ସିନେମା ଶିଳ୍ପ ଅବକ୍ଷୟରୁ ରକ୍ଷା ପାଇବ ନାହିଁ ବରଂ ଆର୍ଥିକ କ୍ଷତିରୁ ମଧ୍ୟ୍ୟ ବଞ୍ଚି ପାରିବ । ଅପରପକ୍ଷରେ କୌଣସି ସଂଗଠନର ଅବିମୃଶ୍ୟକାରୀ ବିରେଧକୁ ଆମେ ସମର୍ଥନ କରି ଜାଣୁଜାଣୁ ସୃଜନଶୀଳତାକୁ କୁଠାରାଘାତ କରିବା ହିଁ ସାର ହେବ । ତେଣୁ ଏଭଳି ଘଟଣାର ପୁନରାବୃତ୍ତି ଯେପରି ନହୁଏ ତାହା ସୁନିଶ୍ଚିତ କରାଯାଉ । ଏହି ଘଟଣାକ୍ରମରେ ସୁପ୍ରିମକୋର୍ଟ ଓ ସେନସର ବୋର୍ଡର କାର୍ଯ୍ୟ ପ୍ରଶଂସନୀୟ । ଚଳଚ୍ଚିତ୍ର ବା ସିନେମା ଜୀବନର ପ୍ରତିଛବି । ସାମାଜିକ ଜୀବନର ଭଲମନ୍ଦ, ହସକାନ୍ଦ, ପ୍ରେମ ଓ ବିରହ, ଆଶା ନିରାଶା ଓ ଘଟଣାବଳୀ ସବୁକୁ ନେଇ ସିନେମାର ବିଷୟବସ୍ତୁ ତିଆରି ହୋଇଥାଏ । ସେଥି ସହିତ ମଣିଷର କଳ୍ପନା, ସ୍ୱପ୍ନ, ଇତିହାସ, ଭବିଷ୍ୟତ ଓ ସ୍ଥିତାବସ୍ଥା ମଧ୍ୟ ଚଳଚ୍ଚିତ୍ରର ବିଷୟବସ୍ତୁକୁ ଅବଦାନ ରଖେ । ସମୟ ଓ ସମାଜର ପ୍ରଗତିର ଧାରା ନେଇ ସିନେମା ମଧ୍ୟ ବଦଳିଯାଏ ଓ ଏହାର କାହାଣୀ, ସଂଗୀତ, ଡାଏଲଗ୍ ବା ସଂଳାପ ଓ ଦୃଶ୍ୟ ସବୁ ମଧ୍ୟ ଆବଶ୍ୟକତା ଅନୁଯାୟୀ ପ୍ରଭାବିତ ହୋଇଯାଏ । ଫିଲ୍ମ ମୁଖ୍ୟତଃ ଏକ ବ୍ୟାବସାୟିକ କାର୍ଯ୍ୟ । ତେବେ ଦର୍ଶକର ରୁଚି ଓ ପସନ୍ଦକୁ ଆଖିରେ ରଖି ତିଆରି ହେଲେ ଏହା ପସନ୍ଦ ହେବ ବୋଲି କେହିକେହି ମନେ କରନ୍ତି । ତେବେ, ଜାଣତରେ ବା ଅଜାଣତରେ ହେଉ, ସାଧାରଣ ପରିସ୍ଥିତିରେ ସମାଜର ଚଳଣି, ଚରିତ୍ର, ପରମ୍ପରା ଇତ୍ୟାଦି ଚଳଚ୍ଚିତ୍ର ନିର୍ମାଣକୁ ଗଭୀରଭାବେ ପ୍ରଭାବିତ କରିଥାଏ ।

ଗୋଟିଏ ଗଳ୍ପ ବା ଉପନ୍ୟାସରେ ଯେପରି ଏକ ନିର୍ଦ୍ଦିଷ୍ଟ ବିଷୟକୁ ନେଇ ଚରିତ୍ରମାନେ କଥାବାର୍ତ୍ତା କରନ୍ତି, ଚଳଚ୍ଚିତ୍ରରେ ମଧ୍ୟ ଦୃଶ୍ୟର କାଗଜ ଉପରେ ଅଭିନେତା/ ଅଭିନେତ୍ରୀମାନେ ଆତଯାତ କରନ୍ତି । ଯେ କୌଣସି ପ୍ରକାର ଦୃଶ୍ୟ ହାତରେ ଧରି ହେଉ ନଥିବା ଏକ ସୃଷ୍ଟି ହୋଇଥିବାରୁ ଅନ୍ୟାନ୍ୟ ମନୋରଞ୍ଜନ ମାଧ୍ୟମ ଅପେକ୍ଷା ଚଳଚ୍ଚିତ୍ରର ନିର୍ମାଣ, ପ୍ରସ୍ତୁତି ଓ ବୋଧ ଅଧିକ କଷ୍ଟଦାୟକ । ସିନେମା ବା ସେଲୁଲୋଏଡ଼ ଦୃଶ୍ୟ ମାଧ୍ୟମରେ ଜୀବନର ବାସ୍ତବତା, ସ୍ୱପ୍ନ ଓ ନିରବତା ତଥା ମଣିଷର ସବୁ ପ୍ରକାର କଳ୍ପନାକୁ ପରିପ୍ରକାଶ କରେ ।

ବିଗତ ଶତାବ୍ଦୀର ଆରମ୍ଭରୁ ହିଁ ସିନେମାର ପ୍ରଗତି ଧାରା ଚାଲି ଏହା ସମଗ୍ର ପୃଥିବୀରେ ସବୁଠାରୁ ପ୍ରଗତିଶାଳୀ ଓ କ୍ଷମତାପୂର୍ଣ୍ଣ ମନୋରଞ୍ଜନ ଓ ବ୍ୟାବସାୟିକ ମାଧ୍ୟମ ସାଜିଛି । ଗୋଟାଏ ଜାତି, ପିଢ଼ି ଓ ସମାଜକୁ ବହୁଦିନଧରି ପ୍ରଭାବିତ କରିବାର କ୍ଷମତା ଏଠାରେ ରହିଛି । ତେଣୁ ପୃଥିବୀର ପ୍ରତ୍ୟେକ ସଚେତନ ଅଞ୍ଚଳରେ ସିନେମାକୁ ସାମାଜିକ ଦାୟିତ୍ୱବୋଧରେ ସାମିଲ୍‌କରି ରଖିବା ସହିତ କିଛିକିଛି ଦରକାରୀ ପରାମର୍ଶ ପ୍ରଦାନ କରିବା ପାଇଁ ସେନସର୍ ବା ସାର୍ଟିଫିକେସନ୍ ବ୍ୟବସ୍ଥା କରାଯାଇଛି । ଚଳଚ୍ଚିତ୍ର ନିର୍ମାଣ ମୁଖ୍ୟତଃ ସିନେମା ଶିଳ୍ପର ପ୍ରଚେଷ୍ଟା, ଉଦ୍ୟମ ଓ ପରିଶ୍ରମ ଦ୍ୱାରା ହେଉଥିବାରୁ, ଏହାର ସାର୍ଟିଫିକେସନ୍ ବା ପ୍ରମାଣନ ଏକ କଷ୍ଟକର କାର୍ଯ୍ୟ । ଗୋଟିଏ ଶିଶୁର ଜନ୍ମ ସମୟରେ ବାପ ମା ଓ ପରିବାରବର୍ଗଙ୍କ ମଧ୍ୟରେ ଯେପରି ଉତ୍କଣ୍ଠା ପ୍ରକାଶ ପାଇଥାଏ, ସେପରି ଫିଲ୍ମର ଜନ୍ମ ସମୟରେ ପ୍ରକାଣ୍ଡ ଆଗ୍ରହ ଆସିଥାଏ । ସେନ୍‌ସର, ଜଣେ ଡାକ୍ତରଙ୍କ ପରି ଶିଶୁର ଜନ୍ମ ଯେପରି ସୁରୁଖୁରୁରେ ହେବ, ସେହିପରି ଫିଲ୍ମର ପ୍ରମାଣନକୁ ଦେଖନ୍ତି । ଦର୍ଶକ ସମ୍ମୁଖରେ ଆସିବାପାଇଁ ଚଳଚ୍ଚିତ୍ରର ପ୍ରମାଣନ ଏକାନ୍ତ ଆବଶ୍ୟକ । ସବୁ ଫିଲ୍ମ ଏକା ପ୍ରକାର ବା ଚରିତ୍ରର ନୁହେଁ । ସବୁଥିରେ ଏକା ପ୍ରକାର ଉପାଦାନ, ଦୃଶ୍ୟ ବା ବିବରଣୀ ନଥାଏ । ଚଳଚ୍ଚିତ୍ରମାନେ ବିଷୟବସ୍ତୁ, ଦୃଶ୍ୟ ସଂଯୋଗ ଓ ଆବେଦନକୁ ନେଇ ଅଲଗା ଅଲଗା ଚେହେରା ଓ ଚରିତ୍ର ଗ୍ରହଣ କରିଥାନ୍ତି । ବଡ଼ ପରଦାରେ ଦର୍ଶକ ଚିତ୍ରସବୁ ଦେଖିଲାବେଳେ ତା'ର ପ୍ରଭାବ ସ୍ୱତନ୍ତ୍ରଭାବେ ତା' ଉପରେ ପଡ଼େ । ବଡ଼ ପରଦାରେ ଦୃଶ୍ୟ, ସଂଗୀତ ଓ ଚରିତ୍ରର ସମନ୍ୱୟ ନିବୁଜ କୋଠରି ଭିତରେ ଦେଖିବାର ଏକ ନିର୍ଦ୍ଦିଷ୍ଟ ମାନସିକତା ଅଛି । ପୁନଶ୍ଚ, ଗୋଟେ ଫିଲ୍ମକୁ ଦେଖି ବିଚାର କରିବାକୁ ହେଲେ ତାଙ୍କୁ ତା'ର ଟୋଟାଲିଟି ବା ସାମଗ୍ରିକତାରେ ଦେଖିବାକୁ ଓ ବିଚାର କରିବାକୁ ହେବ । ଏହାକୁ ଦୃଷ୍ଟିରେ ରଖି ପ୍ରମାଣନ ବୋର୍ଡ ତାଙ୍କ କାର୍ଯ୍ୟ ସୂଚାରୁ ରୂପେ ତୁଲାଇଥିବା ବେଳେ ଅଦାଲତ ମଧ୍ୟ ତାଙ୍କ କାର୍ଯ୍ୟ ଉତ୍ତମ ରୂପେ ନିର୍ବାହ କରିଛନ୍ତି । ଏହି କିନ୍ତୁ ଶ୍ରୀରାଜପୁତ କର୍ଣ୍ଣିସେନାର ଚାପ ଯୋଗୁଁ ଦେଶ , ସମାଜ ଓ ସମ୍ପୃକ୍ତ ଚଳଚ୍ଚିତ୍ର ନିର୍ମାତାଙ୍କ ଯେଉଁ ଅପବାଦ ଓ ଆର୍ଥିକ କ୍ଷତି ହେଲା ତାହାର ଭରଣା କିଏ କରିବ ଏହା ହିଁ ବିଚାର କରିବା ଉଚିତ ।

# ଓଡ଼ିଶାର କମନୀୟ ବେଳାଭୂମି

**ଶରତ କୁମାର ରାଉତ**

ଭାରତର ଦକ୍ଷିଣ-ପୂର୍ବ ଦିଗରେ ଅବସ୍ଥିତ ମନୋରମ ଦେଶ ଥାଇଲାଣ୍ଡ ଏକ ପ୍ରଦୂଷଣ ମୁକ୍ତ ଓ ଅନୁଶାସିତ ଦେଶ ଭାବେ ପ୍ରସିଦ୍ଧ । ଏହା ମଧ୍ୟ ମନୋରମ ସପିଙ୍ଗ୍ କମ୍ପ୍ଲେକ୍ସ, ସୁନ୍ଦର ସଡ଼କ ଓ କମନୀୟ ଦୃଶ୍ୟରାଜି ଭରା ସମୁଦ୍ର ବେଳାଭୂମି ଏବଂ ସୁସ୍ଥ ପରିବେଶ ପାଇଁ ପ୍ରସିଦ୍ଧ । ମୁଖ୍ୟତଃ ମୂଳ ଥାଇ, ଚୀନ୍, ମାଳୟ ଓ ଭାରତୀୟ ମାନଙ୍କୁ ନେଇ ହିଁ ଏହି ଦେଶ ଗଢି ଉଠିଛି । ଏଠାରେ ଥାଇ ୭୭ ଶତକଡ଼ା ହୋଇଥିବା ବେଳେ ଚୀନୀ ୧୪ ଶତକଡ଼ା, ମାଳୟ ୫ ଶତକଡ଼ା ଓ ଭାରତୀୟ ୪ ଶତକଡ଼ା ଅଛନ୍ତି । ଏଠାକାର ଶାସକୀୟ ଭାଷା ମଧ୍ୟରେ ଥାଇ, ଇଂରାଜୀ, ମନ୍ଦେରିଆନ୍, ମାଳୟ ଏବଂ ତାମିଲ୍ ଅନ୍ୟତମ । ପର୍ଯ୍ୟଟନ ଦୃଷ୍ଟିରୁ ସାରା ଥାଇଲାଣ୍ଡ ଓ ତାହାର ସମୁଦ୍ର ବେଳାଭୂମିର ମନୋରମ ଦୃଶ୍ୟରାଜି ବିଶ୍ୱରେ ପ୍ରମୁଖ ସ୍ଥାନ ଦଖଲ କରିଛି । ସବୁଠୁ ଆକର୍ଷକ ଦୃଶ୍ୟରାଜି ହେଲା, ମନୋରମ ସୁଉଚ୍ଚ ଅଟ୍ଟାଳିକା ଭରା ବ୍ୟାଙ୍କକ୍ ସହର ଓ ଏହାର ନିକଟବର୍ତ୍ତୀ ପଟାୟା ସମୁଦ୍ର ବେଳାଭୂମିର କମନୀୟ ରୂପ । ଏହାଠୁ ଆହୁରି ମନ ମୁଗ୍ଧକର ଦୃଶ୍ୟ ଓ ପରିବେଶ, ବେଳାଭୂମିରୁ ବଙ୍ଗୋପସାଗର ଭିତରକୁ ମାତ୍ର ୧୩ କିଲୋମିଟର ଦୂରବର୍ତ୍ତୀ ଏକ ଆଇଲାଣ୍ଡରେ ଦେଖିବାକୁ ମିଳେ । ଏହି ଆଇଲାଣ୍ଡ୍ ଏସିଆ ମହାଦେଶର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ଅନ୍ୟତମ । ବିରଳ ପ୍ରାକୃତିକ ଦୃଶ୍ୟରାଜି ଭରା ଏହି ଆଇଲାଣ୍ଡର ଲୋଭନୀୟ ଆକର୍ଷଣ ହିଁ ପଟାୟା ବେଳାଭୂମିକୁ କମନୀୟ ରୂପରେ ସଜେଇଥିବା କୁହାଯାଇପାରେ । ଏହି ବେଳାଭୂମିର ଦୈର୍ଘ୍ୟ ମାତ୍ର ୧.୨୫ କିଲୋମିଟର ଓ ଚଉଡ଼ା ମାତ୍ର ୧୫୦ ମିଟର । ୧୭ ଏକର ବିଶିଷ୍ଟ ଏହି ଆଇଲାଣ୍ଡର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ସାରା ବିଶ୍ୱରୁ ଛୁଟି ଆସନ୍ତି ହଜାର ହଜାର ପର୍ଯ୍ୟଟକ ପ୍ରତିଦିନ । ଆଉ ପର୍ଯ୍ୟଟକ ମାନଙ୍କ ଆଗମନରେ ପଟାୟା ଅନେକ ସୁନ୍ଦର ଅଟ୍ଟାଳିକାକୁ ନେଇ ଏକ ଲୋଭନୀୟ ନଗରୀରେ ପରିଣତ ହୋଇଛି ।



ପଟାୟା ବେଳାଭୂମିରୁ ଆଇଲାଣ୍ଡକୁ ଯିବା ପାଇଁ ଲଂଚ ବୋଟ୍‌ର ବ୍ୟାପକ ସୁବିଧା ରହିଛି । ଯାହାର ପ୍ରତି ଟିକଟର ମୂଲ୍ୟ ୧୨୦୦ ଭାତ୍ ବା ଭାରତୀୟ ମୁଦ୍ରାରେ ୯ ହଜାର ୧୨୦ ଟଙ୍କା । ଏଠାକାର ଅଣ୍ଡର ଓ୍ୱାଟର୍ ଓ୍ୱାର୍ଲଡ଼ ଭିତରେ ବିଶ୍ୱର ଦୁର୍ଲଭ ସାମୁଦ୍ରିକ ଜୀବ ଆଦି ଦେଖିବାକୁ ମିଳିଥାଏ । କେତେକ ସ୍ୱତନ୍ତ୍ର ସବ୍- ମେରାଇନ୍‌ରେ ଅର୍ଦ୍ଧ ଗୋଲକ ସ୍ତରର ଚଟାଣରେ ରୋଲର୍ ସଂଯୁକ୍ତ ରହିଛି ଓ ତିନି ପାଖରେ କାଚର ଟ୍ୟୁବ୍‌ରେ ପାଣି ରହିଛି । ରୋଲର୍ ଉପରେ ଦର୍ଶକମାନେ ଛିଡ଼ା ହେଲେ, ସମୁଦ୍ର ଭିତରର ଦୁର୍ଲଭ ଜୀବଙ୍କୁ ସହଜରେ ଦେଖିହୁଏ । ଏହି ସ୍ୱତନ୍ତ୍ର ସବ୍-ମେରାଇନ୍‌ରେ ପ୍ରତି ଟିକଟର ମୂଲ୍ୟ ୧୭୦୦ ଭାତ୍ । ଏହି କମନୀୟ ଆଇଲାଣ୍ଡ୍‌ର ପ୍ରାକୃତିକ ଦୃଶ୍ୟ ବାସ୍ତବରେ ଅବର୍ଣ୍ଣନୀୟ । ଏହା ଯେ ବିଶ୍ୱ ପର୍ଯ୍ୟଟନର ବିଖ୍ୟାତ କ୍ଷେତ୍ର ସିଙ୍ଗାପୁରଠାରୁ ଦୁଇପାଦ ଆଗରେ ଅଛି, ଏହାକୁ ନଦେଖିଲେ, ବିଶ୍ୱାସ କରିବା ସମ୍ଭବ ନୁହେଁ ।

ଉଲ୍ଲେଖ କରାଯାଇପାରେ ଯେ, ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଲାଭ କରିଥିବା ବିଶ୍ୱର କୌଣସି ସମୁଦ୍ର ତଟ, ଆଇଲାଣ୍ଡ ବା ଐତିହାସିକ ସ୍ଥାନ ଠାରୁ ଯେ ଓଡ଼ିଶାର ସମୁଦ୍ର ତଟ, ଆଇଲାଣ୍ଡ ବା ଐତିହାସିକ ସ୍ଥାନ ଅଧିକ ମନୋରମ, ଉନ୍ନତମାନର ଓ ଅପରୂପ ସୌନ୍ଦର୍ଯ୍ୟରେ ଭରା, ତାହା ହୁଏତ ସମସ୍ତେ ଜାଣନ୍ତି ନାହିଁ । ଏଠାରେ କେନ୍ଦ୍ରାପଡ଼ା ଜିଲ୍ଲାର ସମୁଦ୍ର ତଟ ଓ ଏକ ଅନାମଧେୟ ଆଇଲାଣ୍ଡର ଉଦାହରଣ ନିଆ ଯାଇପାରେ । ପଟାୟାର ସେହି କମନୀୟ କ୍ଷୁଦ୍ର ବେଳାଭୂମି ସଦୃଶ ଅବିକଳ ଧନୁ ଆକାରର ୭.୬ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏକ ମନଲୋଭା ବେଳାଭୂମି ଲମ୍ବିଛି ସାତଭାୟା ଓ ବରୁଣେଇ ମୁହାଣ ମଧ୍ୟରେ । ଯାହା ସଂଲଗ୍ନ ରହିଛି ବିଶ୍ୱ ବିଖ୍ୟାତ ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ ଓ କଇଁଛ ପ୍ରଜନନ କେନ୍ଦ୍ର ସହିତ । ତଟବର୍ତ୍ତୀ ଅଳ୍ପ କେତୋଟି ଗ୍ରାମକୁ ଛାଡ଼ିଦେଲେ, ସାରା ଅଂଚଳ ଘଂଚ ଅରଣ୍ୟାନିରେ ପୂର୍ଣ୍ଣ । ଏହି ସୁଦୀର୍ଘ କମନୀୟ ବେଳାଭୂମି ଠାରୁ ବଙ୍ଗୋପସାଗର ଭିତରକୁ ହାରାହାରି ୧୮ କି.ମି. ଦୂରରେ ରହିଛି ଏକ ପ୍ରାକୃତିକ ଅନାମଧେୟ ଆଇଲାଣ୍ଡ୍ । ଯାହା ସୁନ୍ଦର ବୃକ୍ଷରାଜି ଓ କମନୀୟ ସୌନ୍ଦର୍ଯ୍ୟରେ ଭରା ୨୪ ଏକର ପରିମିତ ଅଂଚଳ । ଏହାର ମାତ୍ର ୫ କି.ମି. ଦୂର ଦକ୍ଷିଣକୁ ବ୍ରିଟିସ୍ ବାଣିଜ୍ୟର କୋଠା ହୁକିଟୋଲା ଓ ଏଠାରୁ ମାତ୍ର ୪.୫ କି.ମି. ଦୂର ଦକ୍ଷିଣକୁ ବତୀଘର ଏବଂ ଏହାର ପଶ୍ଚିମକୁ ସ୍ଥଳ ସୀମାକୁ ଲାଗି ରହିଛି ଜମ୍ବୁ ଜେଟ୍ଟୀ ଓ ଖରିନାସୀ ଜେଟ୍ଟୀ । ଜମ୍ବୁ ଜେଟ୍ଟୀ ନିକଟରୁ ୬.୫ କି.ମି. ସମୁଦ୍ର ଭିତରକୁ ଅନ୍ୟ ଏକ ଆଇଲାଣ୍ଡ ରହିଛି, ଯାହାର ନାମ ମାଦେଲି ଚଡା । ପ୍ରାୟ ୧୦୦ଏକର ପରିମିତ ଅଂଚଳର ଏହି ଆଇଲାଣ୍ଡ, ହୁକିଟୋଲା ଓ ବତୀଘର ଭୌଗୋଳିକ ଦୃଷ୍ଟିରୁ ଏକ ସମବାହୁ ତ୍ରିଭୁଜ ଭିତରେ ରହିଛନ୍ତି । ଅର୍ଥାତ୍ ଏହି ଆଇଲାଣ୍ଡ ପାଖରୁ ୪.୫ କି.ମି. ଉତର-ପୂର୍ବକୁ ହୁକିଟୋଲା ଓ ୪.୫ କି.ମି. ଦକ୍ଷିଣ-ପୂର୍ବକୁ ବତୀଘର ଓ ବଙ୍ଗୋପସାଗରର ରିମ୍‌ଝିମ୍ ନୀଳ ଜଳରାଶି ପ୍ରତ୍ୟେକ ନିଜ ନିଜର ଅପରୂପ ସୌନ୍ଦର୍ଯ୍ୟ ପରିପ୍ରକାଶ କରୁଥିବା ବେଳେ ଏସବୁର ଫେଂଟାଫେଂଟିରେ ଯେଉଁ ଦୁର୍ଲଭ ପ୍ରାକୃତିକ ଦୃଶ୍ୟରାଜିର ସମାହାର ଘଟୁଛି ଏଠାରେ, ତାହାର ଏଯାଏ ଉପଯୁକ୍ତ ଉପଯୋଗ ହୋଇ ପାରିନାହିଁ । ଏହା ସମ୍ଭବ ହେଲେ, ଏହା ଯେ ପୃଥିବୀର ଦୁର୍ଲଭ ପର୍ଯ୍ୟଟନ କ୍ଷେତ୍ର ମଧ୍ୟରେ ଅନନ୍ୟ ଭୂମିକା ଗ୍ରହଣ କରିବ, ଏଥିରେ ତିଳେହେଁ ସନ୍ଦେହ ନାହିଁ । ଏହା ଦ୍ୱାରା ଓଡ଼ିଶା ସରକାରଙ୍କର ପ୍ରଚୁର ବୈଦେଶିକ ମୁଦ୍ରା ଆୟ ହୋଇ ପାରିବ । ସ୍ଥାନୀୟ ଅଂଚଳର ଆର୍ଥିକ ଓ ପାରିପାର୍ଶ୍ୱିକ ଉନ୍ନତି ସମ୍ଭବ ହୋଇପାରିବ ।

ଓଡ଼ିଶାର ବେଳାଭୂମିକୁ ଉପଯୁକ୍ତ ଉପଯୋଗ କରି ବିଶ୍ୱର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରାଇବା ଉତ୍କଳର ମୁକୁଟବିହୀନ ସମ୍ରାଟ ବିଜୁବାବୁଙ୍କର ସ୍ୱପ୍ନ ଥିଲା ଓ ସେ ବହୁବାର ଉପକୂଳବାସୀଙ୍କୁ ଏଥିପାଇଁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ସେ ସ୍ୱୟଂ ଇଣ୍ଡୋନେସିଆ, ଥାଇଲାଣ୍ଡ ଓ ସିଙ୍ଗାପୁର ବେଳାଭୂମିର ଉପଯୁକ୍ତ ଉପଯୋଗ ହୋଇଥିବା ଦେଖି ଓଡ଼ିଶାର ବେଳାଭୂମିକୁ ସେହି ଢଙ୍ଗରେ ଗଢି ତୋଳିବାକୁ ଏକପ୍ରକାର ବଦ୍ଧ ପରିକର ଥିଲେ । ମାତ୍ର ତାଙ୍କ ଜୀବଦ୍ଦଶାରେ ଏହା ସମ୍ଭବ ହୋଇ ପାରିନଥିଲା । ହେଲେ ତାଙ୍କର ଅଧୁରା ସ୍ୱପ୍ନ ପୂରଣ କରିବା ତାଙ୍କ ପୁତ୍ର ନବୀନ ପଟ୍ଟନାୟକଙ୍କ ପାଇଁ କିଛି ବଡ଼ କଥା ନୁହେଁ । ଏହାକୁ ପଟାୟା ଭଳି ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବାକୁ ହେଲେ, ମାତ୍ର ୨୦୦ ରୁ ୩୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରେ । ଏହାର ଦାୟିତ୍ୱ ରାଜ୍ୟ ସରକାର ମଧ୍ୟ କୌଣସି ଘରୋଇ ସଂସ୍ଥାକୁ ଦେଇ ପାରନ୍ତି ।

ବିଶ୍ୱର ଅନେକ ବିକଶିତ ଦେଶ ତାର ପର୍ଯ୍ୟଟନ ଶିଳ୍ପର ବିକାଶ ଯୋଗୁ ଆଗକୁ ବଢିଥିବା ନଜିର ରହିଛି । ମାତ୍ର ଆମ ଦେଶରେ ଏଇ ଧାରଣ, ଧାରଣାରେ ହିଁ ରହିଯାଇଛି । ଏ କ୍ଷେତ୍ରରେ ରାଜ୍ୟ ପର୍ଯ୍ୟଟନ ବିଭାଗର ସକ୍ରିୟ ଭୂମିକା ଆବଶ୍ୟକ । ଏଇ ଅଜ୍ଞାତ ଆଇଲାଣ୍ଡକୁ "ବିଜୁ ଦ୍ୱୀପ" ନାମରେ ନାମିତ କରାଯାଇପାରେ । ପଟାୟା ପରିଭ୍ରମଣ କରିଥିବା ବିଶିଷ୍ଟ ଶିକ୍ଷାବିତ୍ ତଥା ତୁଙ୍ଗ ରାଜନୈତିକ ନେତା ଡ଼ଃ ଗନ୍ଧର୍ବ ଚନ୍ଦ୍ର ନାୟକଙ୍କ ମତରେ, ପଟାୟା ଓ ବିଶ୍ୱର ଅନ୍ୟାନ୍ୟ ଦ୍ୱୀପ ଠାରୁ ଆମ ଓଡ଼ିଶାର ସମୁଦ୍ର ମଧ୍ୟସ୍ଥ ପ୍ରାକୃତିକ ଦ୍ୱୀପଗୁଡ଼ିକ ବହୁ ଗୁଣରେ ଉନ୍ନତ, କମନୀୟ ଓ ଦର୍ଶନୀୟ । ପଟାୟା ଭଳି କେନ୍ଦ୍ରାପଡ଼ା ଜିଲ୍ଲାର ଏହି ଦ୍ୱୀପ ଗୁଡ଼ିକୁ ନେଇ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ସହ ଏହାର ନାମ "ବିଜୁ ପର୍ଯ୍ୟଟନ କ୍ଷେତ୍ର" ରଖାଯାଉ ବୋଲି ଡ଼ଃ ନାୟକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିଶିଷ୍ଟ ପରିବେଶବିତ୍ ହେମନ୍ତ କୁମାର ରାଉତଙ୍କ ମତରେ, ଏଥିପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଷ୍ଠା ଓ ଆନ୍ତରିକତାର ଆବଶ୍ୟକତା ରହିଛି । ତେବେ ଜିଲ୍ଲାରେ ଅସୁରକ୍ଷା ବଳୟରେ ରହିଥିବା ବିଶ୍ୱବିଖ୍ୟାତ ଭିତରକନିକା ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ, ହେନ୍ତାଳ ଜଙ୍ଗଲ ଆଦି ଐତିହ୍ୟର ମଜଭୁତ୍ ସୁରକ୍ଷା ଓ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଜିଲ୍ଲାର ସାଂସଦ ଓ ବିଧାୟକ ମାନେ ନିଷ୍ଠାର ସହ ଉଦ୍ୟମ କରିବେ ବୋଲି ଜିଲ୍ଲାବାସୀ ଗଭୀର ଆଶା ରଖିଛନ୍ତି ।

**ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର, ମୋ-୯୩୩୭୩୬୯୪୮**

# ଉତ୍କଳ ଗୌରବ ମଧୁସୂଦନ

**ଡ଼ଃ. ଅରୁନ୍ଧତୀ ଦେବୀ**



ଓଡ଼ିଶା ଇତିହାସର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ଏକ ପତିତ ଜାତିର ଉଦ୍ଧାର ପାଇଁ କାର୍ଯ୍ୟ କରିଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ତାଙ୍କ ଜାତିପ୍ରେମ, ସ୍ୱାଭିମାନ ଏବଂ ସୁଦୂରପ୍ରସାରୀ ଚିନ୍ତାଧାରା ସାମସମୟିକ କାଳ ଠାରୁ ଢ଼େର ଆଗରେ ଥିଲା । ଇଂରେଜୀରେ ଏମ୍ଏ କରିଥିବା ସେ ପ୍ରଥମ ଓଡ଼ିଆ । ତାହା ଛଡ଼ା ସେ ମଧ୍ୟ ପ୍ରଥମ ଓଡ଼ିଆ ବିଏଲ, ପ୍ରଥମ ସଫଳ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ବ୍ୟବସ୍ଥାପକ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ ଏବଂ ପ୍ରଥମ ଓଡ଼ିଆ ମନ୍ତ୍ରୀ । ବାରିଷ୍ଟରୀ ଉତ୍ତୀର୍ଣ୍ଣ ହୋଇ ନଥିଲେ ହେଁ ଜନମାନସରେ ସେ ମଧୁ ବାରିଷ୍ଟର । ଉଚ୍ଚଶିକ୍ଷିତ ସାହେବମାନେ ତାଙ୍କୁ ଡାକୁଥିଲେ ମିଷ୍ଟର ଦାସ । ମଧୁବାବୁଙ୍କ ପୂର୍ବ ପୁରୁଷ ଖୋର୍ଦ୍ଧାରୁ କଟକ ଅନ୍ତର୍ଗତ ସତ୍ୟଭାମାପୁର ଆସିଥିବା ଜଣାଯାଏ । ତାଙ୍କ ପୂର୍ବପୁରୁଷଙ୍କ ସାଙ୍ଗିଆ ପ୍ରଥମେ ମଲ୍ଲ ଥିଲା । ପରେ କାନଗୋଇ, ରାଉତରା, ଚୌଧୁରୀ ଓ ଦାସ ହୋଇଥିଲା । ତେଣୁ ସେ ପରିହାସରେ ନିଜକୁ କହୁଥିଲେ ଥୁଣ୍ଟାଦାସ । ଜୋତା କାରଖାନାରେ କାମ କରୁଥିବାରୁ କହୁଥିଲେ ପଣ୍ଡିତମାନେ ମୋତେ ମୋଚି ଶିରୋମଣି ଉପାଧି ଦେଇପାରନ୍ତି । ମଧୁବାବୁ ହୁକାପ୍ରିୟ ଥିଲେ । କୁକୁର ପାଳିବାକୁ ଭଲ ପାଉଥିଲେ । ତାଙ୍କ ଘରେ ସାହେବୀ ଢ଼ଙ୍ଗରେ ଭୋଜନ ପ୍ରସ୍ତୁତ ହେଉଥିଲା । ତେବେ ଭୋଜିଭାତରେ ଓଡ଼ିଆ ରନ୍ଧା ସେ ପ୍ରସନ୍ଦ କରୁଥିଲେ । ଢ଼ଗଢ଼ମାଳି ବୋଲିବାରେ ସେ ପାରଙ୍ଗମ ଥିଲେ । ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ । ଏଥି ଲାଗି ସେ ଗଠନ କରିଥିଲେ ଉତ୍କଳ ସମ୍ମିଳନୀ । ଏହି ଅନୁଷ୍ଠାନ ସମ୍ପର୍କରେ ସେ କହିଥିଲେ ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ, ତୋର ପ୍ରାଣ ବିନ୍ଦୁ ମିଶାଇଦେ, ଭାଇ ! ଡେଇଁପଡ଼ି ସିନ୍ଧୁ ନୀରେ । ପ୍ରତ୍ୟେକ ଉତ୍କଳୀୟ ଜାତି ପାଇଁ ପାଞ୍ଚ ମିନିଟ୍ ଚିନ୍ତାକରିବାକୁ ସେ ସର୍ବଦା କହୁଥିଲେ । ଉତ୍କଳ ସମ୍ମିଳନୀ ଓଡ଼ିଆଙ୍କ ମଧ୍ୟରେ ଏକତା ଆଣିଥିଲା । ଓଡ଼ିଆ ଜାତୀୟତାବାଦର ଉଦ୍ରେକ ହୋଇଥିଲେ । ଜୀବନରେ ବହୁ ଅର୍ଥ ଉପାର୍ଜନ କରିଥିଲେ ହେଁ ମଧୁବାବୁଙ୍କ ଶେଷ ଜୀବନ ଆର୍ଥିକ ଦୁର୍ଗତି ମଧ୍ୟରେ କଟିଥିଲା । ରୋଗଶଯ୍ୟାରେ ସେ କହିଥିଲେ ମୁଁ ତ ଯାଉଛି, ମନେରଖିଥିବ ଜଣେ ଓଡ଼ିଆ ଥିଲା । ୧୯୩୪ ଫେବୃଆରୀ ଆଜିର ଦିନରେ ଛୟାଅଶୀ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା ।

*ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ : ୯୪୩୭୧୨୪୫୭୨*

# କର୍କଟ ବ୍ୟାଧିର କାୟା

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର**

ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି । ଏହାର ଭୟାବହତା ପ୍ରତି ଲୋକଙ୍କୁ ସଚେତନ କରାଇବା ଏବଂ ଚିକିତ୍ସା ଓ ନିରାକରଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ବିଶ୍ୱ କର୍କଟ ସଚେତନତା ଦିବସ ଭାବେ ପାଳନ କରାଯାଉଛି । ୟୁନିୟନ ଫର ଇଣ୍ଟରନ୍ୟାସନାଲ କ୍ୟାନ୍ସର କଣ୍ଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା । ୨୦୨୦ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ । ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ । କର୍କଟ ରୋଗ ଚିହ୍ନଟ ପରେ ତା ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ । ସମଗ୍ର ବିଶ୍ୱରେ ପ୍ରତିବର୍ଷ ବୟାଅଶୀ ଲକ୍ଷ ଲୋକ କର୍କଟ ରୋଗରେ ମୃତ୍ୟୁ ବରଣ କରିଥାନ୍ତି ଓ ଏଥି ମଧ୍ୟରୁ ଚାଳିଶ ଲକ୍ଷ ଲୋକ ଅଳ୍ପ ବୟସରେ (୩୦ରୁ ୪୦ବର୍ଷ) ପ୍ରାଣ ହରାଇଥାନ୍ତି । କର୍କଟ ରୋଗର ନିର୍ଣ୍ଣୟ, ଚିକିତ୍ସା, ନିରାକରଣ, ସଚେତନତା ଓ ଗବେଷଣା ନିମିତ୍ତ ବିଶ୍ୱ କର୍କଟ ସଙ୍ଗଠନ କାର୍ଯ୍ୟ କରୁଅଛି ଓ ୨୦୨୦ ମସିହା ସୁଦ୍ଧା ସମଗ୍ର ବିଶ୍ୱରେ କ୍ୟାନସର ରୋଗକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବା ଏହି ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ ରୂପେ ଧାର୍ଯ୍ୟ କରାଯାଇଅଛି । ବିଭିନ୍ନ ପ୍ରକାର (ଏକଶତ) କର୍କଟ ବ୍ୟାଧି ମନୁଷ୍ୟକୁ ଆକ୍ରାନ୍ତ କରେ । ଦେଶ, ଜାତି, ବର୍ଣ୍ଣ ଓ ବୟସର ସମସ୍ତ ସୀମାକୁ ଅତିକ୍ରମ କରି ଏହି ବ୍ୟାଧି ସମଗ୍ର ମନୁଷ୍ୟ ସମାଜ ପାଇଁ ମୃତ୍ୟୁର ଏକ ଭୟାବହ ବିଭୀଷିକା ରଚନା କରିଅଛି । ପୁରୁଷମାନେ ସାଧାରଣତଃ ଫୁସ୍‌ଫୁସ୍ କ୍ୟାନସର, ପ୍ରୋଷ୍ଟେଟ୍ କ୍ୟାନସର, ବୃହଦାନ୍ତ୍ର କ୍ୟାନସର ଓ ପାକସ୍ଥଳୀ କ୍ୟାନସରରେ ଆକ୍ରାନ୍ତ ହୁଅନ୍ତି । ମହିଳାମାନେ ସ୍ତନ କ୍ୟାନସର, ବୃହଦାନ୍ତ୍ର କ୍ୟାନସର, ପିତ୍ତକୋଷ କ୍ୟାନସର, ଜନନେନ୍ଦ୍ରିୟ କ୍ୟାନସର ଓ ଫୁସ୍‌ଫୁସ୍ କ୍ୟାନସରରେ ଆକ୍ରାନ୍ତ ହୁଅନ୍ତି । ପିଲାମାନେ ସାଧାରଣତଃ ରକ୍ତ କ୍ୟାନସର, ମସ୍ତିଷ୍କ ଟ୍ୟୁମର ଓ ଲିମ୍ଫୋମାରେ ଆକ୍ରାନ୍ତ ହୁଅନ୍ତି । ଚର୍ମ କ୍ୟାନସର ସଂଖ୍ୟା ମଧ୍ୟ ଧୀରେ ଧୀରେ ବୃଦ୍ଧି ପାଉଛି । ବୟସର ବୃଦ୍ଧି ସଙ୍ଗେ ସଙ୍ଗେ କ୍ୟାନସର ରୋଗୀଙ୍କର ସଂଖ୍ୟା ମଧ୍ୟ ବଢ଼ିଥାଏ । ୨୦୧୩ ମସିହାରେ ରାଜ୍ୟ ସରକାର ଗୁଟ୍‌ଖା ଉପରେ ନିଷେଧାଦେଶ ଜାରି କରିଛନ୍ତି; ଏହା ସତ୍ତ୍ୱେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଟ୍‌ଖା ଓ ତମାଖୁ ଚୋରାରେ ପ୍ରସ୍ତୁତି ହେଉଛି ଏବଂ ରାଜ୍ୟବ୍ୟାପୀ ଖୋଲାଖୋଲି ବିକ୍ରି ହେଉଛି । ରାଜ୍ୟରେ ବର୍ଷକୁ କର୍କଟ ଆକ୍ରାନ୍ତ ହେଉଥିବା ପ୍ରାୟ ୫୦,୦୦୦ ଲୋକଙ୍କ ମଧ୍ୟରୁ ଅର୍ଦ୍ଧେକ ଗୁଟ୍‌ଖା, ତମାଖୁ, ଧୂମପାନଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ମୃତ୍ୟୁବରଣ କରୁଥିବା ପ୍ରାୟ ୩୦୦୦୦ ରୋଗୀଙ୍କ ମଧ୍ୟରୁ ୧୨୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଏହି କାରଣରୁ ଘଟୁଥିବା ସୂଚନା ମିଳିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ଯେତେ ଲୋକ କର୍କଟରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ହେଉଛନ୍ତି ଦକ୍ଷିଣ ଏସୀୟ ଦେଶ ସମୂହ ଅଞ୍ଚଳର । ଭାରତ, ପାକିସ୍ତାନ, ବାଙ୍ଗଲାଦେଶ, ଶ୍ରୀଲଙ୍କାରେ କର୍କଟ ଆକ୍ରାନ୍ତଙ୍କ ସଂଖ୍ୟା ଅନ୍ୟୁନ ୬୫% ଏବଂ କେବଳ ଭାରତରେ ୫୦% । ସାରା ଦେଶରେ ବର୍ଷରେ ଅନ୍ୟୁନ ୭ଲକ୍ଷ ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି ଏବଂ ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୫୦,୦୦୦ରୁ ଅଧିକ । ଓଡ଼ିଶା ସହିତ ଆସାମ, ଛତିଶଗଡ଼, ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ ଓ ରାଜସ୍ଥାନରେ ଦେଶର ଅନ୍ୟ ଅଞ୍ଚଳ ଅପେକ୍ଷା କର୍କଟ ରୋଗୀଙ୍କ ସଂଖ୍ୟା ଅଧିକ ଏବଂ ସାଧାରଣତଃ ଗୁଟ୍‌ଖା ଓ ତମାଖୁ ସେବନ ଯୋଗୁଁ ଏହା ଅଧିକ ହେଉଥିବା ଏକ ପରିସଂଖ୍ୟାନରୁ ସୂଚନା ମିଳିଛି । ଧୂମପାନ ଫୁସ୍‌ଫୁସ୍ କ୍ୟାନସରର ମୁଖ୍ୟ କାରଣ (୯୦%) । ଏହାବାଦ୍ ସ୍ୱରଯନ୍ତ୍ର କ୍ୟାନସର, ପାକସ୍ଥଳୀ କ୍ୟାନସର, ପରିସ୍ରାଥଳି କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର ଓ ଅଗ୍ନ୍ୟାଶୟ କ୍ୟାନସର ମଧ୍ୟ ଧୂମପାନ ଯୋଗୁଁ ହୋଇଥାଏ । ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ । ଏହା ଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ । ମଦ୍ୟପାନ କ୍ୟାନସର ରୋଗର ଅନ୍ୟ ଏକ କାରଣ । ମୁଖ୍ୟତଃ ଏହା ଯକୃତ କ୍ୟାନସର ଓ ଖାଦ୍ୟନଳୀ କ୍ୟାନସର କରିଥାଏ । କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି (୨-୨୦%) । ପ୍ରତିବର୍ଷ ଦୁଇ ଲକ୍ଷ ବ୍ୟକ୍ତି କଳକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି । ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ ଓ ଟୋବେନ୍‌ଜିନ୍ ଦ୍ୱାରା ରକ୍ତ କ୍ୟାନସର ହୁଏ ।

ଅତ୍ୟଧିକ ଆମିଷ ଖାଦ୍ୟ, ଶାରୀରିକ ଶ୍ରମ ବିମୁଖତା ଓ ମୋଟାପଣ ଯୋଗୁଁ (୩୦-୩୫%) ମଧ୍ୟ କ୍ୟାନସର ହୋଇଥାଏ । ଶାରୀରିକ ପରିଶ୍ରମ ନକଲେ ଲୋକମାନେ ମୋଟା ହୋଇଯାନ୍ତି ଓ ସେମାନଙ୍କର ରୋଗ ପ୍ରତିରୋଧକଶକ୍ତି ଓ ଅନ୍ତଃସ୍ରାବୀ ସମନ୍ୱୟତା କମିଯାଏ । ଅତ୍ୟଧିକ ଲୁଣ ସେବନ କଲେ ପାକସ୍ଥଳୀ କ୍ୟାନସର ହୁଏ । ଜାପାନରେ ପାକସ୍ଥଳୀ କ୍ୟାନସର ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଖାଦ୍ୟନଳୀ (ବୃହଦାନ୍ତ୍ର) କ୍ୟାନସର ଅତ୍ୟଧିକ ଅଧିକ ଲୁଣ ସେବନ ଯୋଗୁଁ ହୋଇଥାଏ । ଖାଦ୍ୟ ପଦାର୍ଥ ଆଫ୍‌ଲାଟକ୍ସିନ୍ ଦ୍ୱାରା ଆକ୍ରାନ୍ତ ହେଲେ ଲିଭର କ୍ୟାନସର ହୁଏ ଓ ପାନ ଖାଇଲେ ମୁଖଗହ୍ୱର କ୍ୟାନସର ହୁଏ । ବିଭିନ୍ନ ଭୂତାଣୁ ଦ୍ୱାରା ମଧ୍ୟ କ୍ୟାନସର ହୋଇଥାଏ । ମହିଳା ମାନଙ୍କର ହ୍ୟୁମାନ୍ ପେପିଲୋମା ଭୂତାଣୁ ଜନନେନ୍ଦ୍ରିୟ କ୍ୟାନସରର କାରଣ । ଏବଷ୍ଟିନ୍ ବାର ଭୂତାଣୁ ଲିମ୍ଫୋମା ଓ ନାକ ଓ ଖାଦ୍ୟନଳୀ କ୍ୟାନସର କରେ । ହେପାଟାଇଟସ୍ ବି ଭୂତାଣୁ ଲିଭର କ୍ୟାନସରର ମୁଖ୍ୟ କାରଣ । ହେପାଟାଇଟିସ୍ ସି ମଧ୍ୟ ଯକୃତ କ୍ୟାନସର କରେ । ହର୍ପିସ୍ ଭୂତାଣୁ - କାପୋସି ସାର୍କୋମାର କାରଣ । ହେଲିକୋ ବ୍ୟାକ୍ଟର ପାଇଲୋରି ଜୀବାଣୁ ପାକସ୍ଥଳୀ କ୍ୟାନସର କରେ । ସିଷ୍ଟୋସୋମା ଓ ଯକୃତ ଫ୍ଲୁକ୍ ଯଥାକ୍ରମେ ପରିସ୍ରା ଥଳି କ୍ୟାନସର ଓ କୋଲାଞ୍ଜିଓକାର୍ସିନୋମା କରନ୍ତି । କର୍କଟ ରୋଗର ନିରାକରଣ ଏକ ମୁଖ୍ୟ ବିଷୟ । ପରିବେଶ ପ୍ରଦୂଷଣ ଓ ଜୀବନ ଶୈଳୀ ଓ ଖାଦ୍ୟପେୟ ପରିବର୍ତ୍ତନ ମାଧ୍ୟମରେ ୭୦-୯୦% କର୍କଟ ରୋଗ ନିରାକରଣ ସାପେକ୍ଷ । ଧୂମପାନ, ମଦ୍ୟପାନ, ଅତ୍ୟଧିକ ମୋଟାପଣ, ଶାରୀରିକ ଶ୍ରମ ବିମୁଖତା ଓ ବାୟୁ ପ୍ରଦୂଷଣ ଇତ୍ୟାଦିର ନିରାକରଣରେ କ୍ୟାନସର ବ୍ୟାଧିକୁ ବହୁ ପରିମାଣରେ ନିୟନ୍ତ୍ରଣ କରାଯାଇପାରିବ । ଆମିଷ ଖାଦ୍ୟରେ ଶରୀର ବିଧାନ ଅତ୍ୟଧିକ ଉତ୍ତେଜିତ ଓ ଜର୍ଜରିତ ହୁଏ । ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ । ନିରାମିଷ ଖାଦ୍ୟ, ଯଥେଷ୍ଟ ପରିମାଣରେ ପନିପରିବା ଓ ଫଳ ସେବନ କର୍କଟ ବ୍ୟାଧିର ନିରାକରଣରେ ସାହାଯ୍ୟ କରେ । ଟୀକା ନେବା (ହେପାଟାଇଟିସ୍ ବି ଓ ପେପିଲୋମା ଭାଇରସ୍) ମାଧ୍ୟମରେ ଲିଭର କ୍ୟାନସର ଓ ଜନନେନ୍ଦ୍ରିୟ କ୍ୟାନସର ନିରାକରଣ ହୋଇପାରିବ ।

*ବିଭାଗୀୟ ମୁଖ୍ୟ, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭*

| MARKETS TODAY | ପୁଞ୍ଜିବଜାର ହାଲଚାଲ |
|---|---|
| SENSEX | 35,066.75 – 839.91 (– 2.34%) |
| NIFTY | 10,760.60 – 256.30 (– 2.33%) |
| ସୁନା 24K (MCX) (Rs/10g.) 30,350 | |
| ଟଙ୍କାର ବିନିମୟ ମୂଲ୍ୟ | |
| 1 Dollar = Rs. 64.07 | |

# ତେଜସ୍ ଫାଇଟର ଚଳାଇଲେ ଆମେରିକୀୟ ବାୟୁସେନା ମୁଖ୍ୟ

ଯୋଧପୁର, ୩/୨ (ଏଜେନ୍ସି) : ଆମେରିକାର ବାୟୁସେନା ମୁଖ୍ୟ ଡେଭିଡ୍ ଗୋଲ୍ଡଫିନ୍ ଯୋଧପୁର ବାୟୁସେନା ଘାଟିରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଭାରତୀୟ ଯୁଦ୍ଧବିମାନ ତେଜସ୍‌କୁ ଚଳାଇଛନ୍ତି । ଗତ ଗୁରୁବାର ସେ ଭାରତ ଗସ୍ତରେ ଆସି ପହଞ୍ଚିଥିଲେ । ଉଭୟ ଦେଶ ମଧ୍ୟରେ ସାମରିକ ସହଯୋଗକୁ ବୃଦ୍ଧି କରିବା ପାଇଁ ସେ ଭାରତ ଗସ୍ତରେ ଆସିଥିବା କୁହାଯାଉଛି । ତାଙ୍କ ଗସ୍ତ ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ହେବାର ସମ୍ଭାବନା ରହିଛି । କିନ୍ତୁ ଏନେଇ କୌଣସି ସୂଚନା ସାର୍ବଜନୀନ କରାଯାଇ ନାହିଁ । କିନ୍ତୁ ମାର୍କିନ୍ ଏୟାରଚିଫ ମାର୍ଶାଲ୍ ଡେଭିଡ୍ ଗୋଲ୍ଡଫିନ୍ କହିଛନ୍ତି ଯେ, ଭାରତ ସହିତ ଆମେରିକା ତା'ର ପ୍ରତିରକ୍ଷା ସମ୍ପର୍କକୁ ବୃଦ୍ଧି କରୁଛି । ଆଗକୁ ମଧ୍ୟ ଏହି ସମ୍ପର୍କ ଆହୁରି ବଢ଼ିବ । ଆମେରିକା ଭାରତକୁ ସି-୧୭ ପରିବାହୀ ବିମାନ ଦେଇଥିଲା । ଏହାଦ୍ୱାରା ଭାରତ ଅନାୟାସରେ ସୀମାନ୍ତକୁ ଟ୍ୟାଙ୍କ୍ ଓ ଅନ୍ୟ ଯୁଦ୍ଧ ଉପକରଣ



ବୋହିନେବାର ସାମର୍ଥ୍ୟ ହାସଲ କରିଛି । ଆଜି ସେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ଦ୍ୱାର ନିର୍ମିତ ଲାଇଟ୍ ଫାଇଟର୍ ପ୍ଲେନ୍ 'ତେଜସ୍'ଚଳାଇବା ପରେ କହିଛନ୍ତି ଯେ, ଏହା ଠିକ୍‌ଠାକ୍ ଥିଲା ।

ପ୍ରକାଶଥାଉ କି, ଋଷିଆରୁ ଆମଦାନୀ କରି ମିଗ୍-୨୭ ଓ ମିଗ୍-୨୧ ଯୁଦ୍ଧ ବିମାନ ଭାରତୀୟ ବାୟୁସେନା ବ୍ୟବହାର କରିଆସୁଛି । ତେଜସ୍ ଏହି ବିମାନର ସ୍ଥାନ ମଧ୍ୟ ନେଇପାରିବ ନାହିଁ । ଏହାକୁ ବାୟୁସେନା ପୂର୍ବରୁ ଅଗ୍ରାହ୍ୟ କରିସାରିଛି । ଏହି ବିମାନର ଡିଜାଇନ୍ ଓ ବ୍ୟବସ୍ଥା ଅତି ପୁରୁଣାକାଳିଆ । କାରଣ ପ୍ରକଳ୍ପ ୩୩ ବର୍ଷ ଧରି ଅଟକି ରହିବା ପରେ ଏହା କାର୍ଯ୍ୟକ୍ଷମ ହୋଇଥିଲା । ତେଣୁ ଏହି ପୁରୁଣାକାଳିଆ ବିମାନ ବାୟୁସେନା ପାଇଁ ବିଶେଷ ଉପଯୋଗୀ ନୁହେଁ । ତଥାପି କାମଚଳା କାର୍ଯ୍ୟ ପାଇଁ ୮୩ଟି ତେଜସ୍ ନିର୍ମାଣ କରିବାକୁ ଭାରତ ସରକାର ହାଲ୍‌କୁ ଅର୍ଡର ଦେଇଛନ୍ତି ।

# ବୈଶ୍ୱିକ ନିବେଶକ ସମ୍ମିଳନୀକୁ ଉଦ୍‌ଘାଟନ କଲେ ମୋଦି



ଗୌହାଟୀ, ୩/୨ (ଏଜେନ୍ସି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୌହାଟୀ ଠାରେ ଏଡଭାଣ୍ଟେଜ ଆସାମ-ବିଶ୍ୱ ନିବେଶକ ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ଉଦବୋଧନ ଦେଇଛନ୍ତି । ଏହି ସମ୍ମିଳନୀକୁ ଆସିଥିବା ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଉତର-ପୂର୍ବାଂଚଳ ଏବେ କେନ୍ଦ୍ର ସରକାରଙ୍କ ଆକ୍ଟ ଇଷ୍ଟ ନୀତିର କେନ୍ଦ୍ରସ୍ଥଳୀରେ ରହିଛି। 'ଆକ୍ଟ ଇଷ୍ଟ' ନୀତିର ଉଦ୍ଦେଶ୍ୟ ହେଉଛି ଆସିଆନ ରାଷ୍ଟ୍ରଗୁଡ଼ିକ ସହ ଜନ-ଜନ ଯୋଗାଯୋଗ, ବାଣିଜ୍ୟିକ ସମ୍ବନ୍ଧ ଏବଂ ଅନ୍ୟାନ୍ୟ ସମ୍ପର୍କ ବୃଦ୍ଧି କରିବା ବୋଲି ସେ ଉଲ୍ଲେଖ କରିଥିଲେ । ନିକଟରେ ଅନୁଷ୍ଠିତ ଆସିଆନ-ଭାରତ ସ୍ମାରକ ଶିଖର ସମ୍ମିଳନୀ ଭାରତ ଓ ଆସିଆନ ମଧ୍ୟରେ ଭାଗିଦାରୀର ୨୫ବର୍ଷ ପୂର୍ତ୍ତିକୁ ପାଳନ କରିଥିଲା ବୋଲି ପ୍ରଧାନମନ୍ତ୍ରୀ ସ୍ମରଣ କରାଇଦେଇଥିଲେ। ସେ ଆହୁରି କହିଥିଲେ ଯେ ଭାରତ ଏବଂ ଆସିଆନ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସମ୍ପର୍କ ହଜାର ହଜାର ବର୍ଷ ପୁରୁଣା। ସେ କହିଥିଲେ ଯେ ନୂଆଦିଲ୍ଲୀରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ୧୦ଟି ଆସିଆନ ରାଷ୍ଟ୍ରମୁଖ୍ୟଙ୍କୁ ଆତିଥ୍ୟ ପ୍ରଦାନ କରିବା ଭାରତ ପାଇଁ ଗୌରବର ବିଷୟ ଥିଲା। ଉତ୍ତର-ପୂର୍ବାଞ୍ଚଳର ସମତୁଲ ଏବଂ ଦ୍ରୁତ ଅଭିବୃଦ୍ଧି ଦ୍ୱାରା ଭାରତର ଅଭିବୃଦ୍ଧି ଆହୁରି ତ୍ୱରାନ୍ୱିତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ। ଲୋକମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ସେ କହିଥିଲେ ଯେ 'ସହଜ ଜୀବନଧାରଣ' ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ସାଧାରଣ ବଜେଟରେ ଘୋଷଣା କରାଯାଇଥିବା 'ଆୟୁଷ୍ମାନ ଭାରତ' ଯୋଜନା ସାରା ବିଶ୍ୱରେ ଏହି ଶ୍ରେଣୀର ସର୍ବବୃହତ ଯୋଜନା। ସେ କହିଥିଲେ ଯେ ଏହି ସ୍ୱାସ୍ଥ୍ୟସେବା ଯୋଜନା ଦ୍ୱାରା ୪୫ରୁ ୫୦ କୋଟି ଜନସାଧାରଣ ଉପକୃତ ହୋଇପାରିବେ। ଗରିବଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ଅନ୍ୟ ପଦକ୍ଷେପଗୁଡ଼ିକ ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ।

ମୋଦି କହିଥିଲେ ଯେ କୃଷି ପାଇଁ ବ୍ୟୟଭାର ହ୍ରାସ କରିବା ଏବଂ ଅମଳ ହୋଇଥିବା ଫସଲର ଉପଯୁକ୍ତ ମୂଲ୍ୟ ପ୍ରଦାନ କରି କୃଷକଙ୍କ ଆୟ ଦୁଇଗୁଣା କରିବା ଦିଗରେ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି। କୃଷକଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ଅନ୍ୟ ପଦକ୍ଷେପଗୁଡ଼ିକ ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ।

ଲୋକମାନଙ୍କୁ ସୁଲଭ ବାସଗୃହ ଯୋଗାଇ ଦେବା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ଉଜ୍ଜ୍ୱଳା ଯୋଜନା ଏଲଇଡି ବଲ୍‌ବ ବିତରଣ କରାଯିବା କାରଣରୁ ବହୁସଂଖ୍ୟକ ପରିବାରରେ ବିଦ୍ୟୁତ ବିଲ ସଂଚୟ ହୋଇପାରିଛି। ଜାତୀୟ ବାଉଁଶ ମିଶନର ପୁନର୍ଗଠନ କରାଯିବା ଉତ୍ତର-ପୂର୍ବାଞ୍ଚଳ ପାଇଁ ଲାଭଜନକ ହେବ ବୋଲି ସେ ଉଲ୍ଲେଖ କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାରରେ ପ୍ରଶାସନିକ ଢାଞ୍ଚାରେ ସୁଧାର ଅଣାଯିବା ଫଳରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହୋଇପାରିଛି।

ମହାନ ଆସାମୀ ସଂଗୀତଜ୍ଞ ଭୂପେନ ହଜାରିକାଙ୍କ କଥନର ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆମ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ୱପ୍ନ ଏବଂ ସଂକଳ୍ପ ପୂରଣ କରିବା ଆମ ସମସ୍ତଙ୍କ ମିଳିତ ଉତରଦାୟିତ୍ୱ। ୨୦୨୨ ସୁଦ୍ଧା ନୂତନ ଭାରତ ନିର୍ମାଣରେ ଯୋଗଦାନ ଦେବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ କରିଥିଲେ। ଉତର-ପୂର୍ବାଂଚଳରେ ନୂଆ ପରିବହନ ଭିତିଭୂମି ନିର୍ମାଣ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ଆସାମରେ ଏକ ବ୍ୟବସାୟ ଅନୁକୂଳ ଏବଂ ବିକାଶ ଅନୁକୂଳ ପରିବେଶ ସୃଷ୍ଟି କରାଯାଇପାରିଥିବାରୁ ସେ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଭୁଟାନ୍‌ର ପ୍ରଧାନମନ୍ତ୍ରୀ ସେରିଙ୍ଗ୍ ତୋବଗେ, ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ମଣିପୁର ଓ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ, ୧୬ଟି ଦେଶର ରାଷ୍ଟ୍ରଦୂତ ଓ ହାଇକମିଶନର, ଟାଟା ସନ୍ସର ଅଧ୍ୟକ୍ଷ ଏନ୍.ଚନ୍ଦ୍ରଶେଖରନ୍ ଏବଂ ରିଲାଏନ୍ସ ଗ୍ରୁପ୍‌ର ମୁଖ୍ୟ ମୁକେଶ ଅମ୍ବାନୀ ମଧ୍ୟ ଯୋଗ ଦେଇଥିଲେ ।

# ଏସ୍‌ଟିଟି ଉଠାଇବାର ପ୍ରଶ୍ନ ଉଠୁନାହିଁ : ଅର୍ଥମନ୍ତ୍ରୀ ଜେଟ୍‌ଲୀ

ନୂଆଦିଲ୍ଲୀ, ୩/୨ (ଏଜେନ୍ସି) : ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି ଯେ, ପୁଞ୍ଜିବଜାର ଲଙ୍ଗଟର୍ମ୍ କ୍ୟାପିଟାଲ୍ ଗେନ୍ ବା ଦୀର୍ଘମିଆଦୀ ଆର୍ଥିକ ଲାଭ ଟିକସ୍‌କୁ ଭୁଲ୍ ଭାବେ ଗ୍ରହଣ କରୁଛି । ଏହାକୁ ଅତିରଞ୍ଜିତ କରି ଉପସ୍ଥାପନା କରାଯାଉଛି । ପୂର୍ବରୁ ମଧ୍ୟ ଏହା ପ୍ରଚଳିତ ଥିଲା । ତେବେ ବାଜପେୟୀ ସରକାରଙ୍କ ସମୟରୁ ଏହାକୁ ଉଠାଇ ଦିଆଯାଇଥିଲା । ଏହାକୁ ନେଇ ଯେଭଳି ଖବର ପରିବେଷଣ କରାଯାଉଛି ତାହା ଠିକ୍ ନୁହେଁ । ସରକାର ଚାପରେ ଆସିବେ ନାହିଁ । ଏହାଛଡ଼ା ଲଙ୍ଗଟର୍ମ୍ କ୍ୟାପିଟାଲ୍ ଗେନ୍ ଟ୍ୟାକ୍ସ ଲାଗୁ ହୋଇଥିବାରୁ ସିକ୍ୟୁରିଟି ଟ୍ରାନଜାକସନ୍ ଟ୍ୟାକ୍ସ (ଏସ୍‌ଟିଟି) ଉଠାଇ ନେବା ନେଇ ଯେଉ କଳ୍ପନା ଜଳ୍ପନା ପ୍ରକାଶ ପାଉଛି ତାହା ମଧ୍ୟ ଅମୂଳକ । ସରକାରଙ୍କ ଏଭଳି କୌଣସି ଯୋଜନା ନାହିଁ । ସରକାର ପୂର୍ବରୁ ଏସ୍‌ଟିଟି ହାର ବୃଦ୍ଧି କରିଥିଲେ । ଏହି ବୃଦ୍ଧି ମଧ୍ୟ ପ୍ରତ୍ୟାହାର ହେବ ନାହିଁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ, ଆମ ଲୋକମାନେ କିଛି ସମୟ ପରେ ସହଜରେ ସବୁ ଜିନିଷ ଗ୍ରହଣ କରିନିଅନ୍ତି । ତେଣୁ ଅଭ୍ୟାସରେ ପଡ଼ିଯିବେ । ତା'ଛଡ଼ା ଲଙ୍ଗଟର୍ମ୍ କ୍ୟାପିଟାଲ୍ ଗେନ୍ ଟ୍ୟାକ୍ସ କେବଳ ଧନୀ ଲୋକମାନଙ୍କ ଉପରେ ଲଗାଯାଇଛି । ଯେଉଁମାନେ ସେମାନଙ୍କ ଦୀର୍ଘମିଆଦୀ ନିବେଶରୁ ୧ ଲକ୍ଷ ଟଙ୍କା ଅଥବା ତା'ଠାରୁ ଅଧିକ ଲାଭ ପାଇବେ ସେମାନଙ୍କ ଉପରେ ଟିକସ ଲାଗୁ ହେବ । ତେଣୁ ଛୋଟ ନିବେଶକମାନେ ଏହାଦ୍ୱାରା ପ୍ରଭାବିତ ହେବେ ନାହିଁ । ସରକାର ଲଙ୍ଗଟର୍ମ୍ କ୍ୟାପିଟାଲ୍ ଗେନ୍ ଟ୍ୟାକ୍ସ ନିଜ ପାଇଁ



ଲଗାଇ ନାହାନ୍ତି । ସାମାଜିକ କଲ୍ୟାଣ ଯୋଜନାଗୁଡ଼ିକ ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ଏହି ଟିକସ୍ ଲାଗୁ କରାଯାଇଛି ।

ସେ କହିଛନ୍ତି ଯେ, ଭାରତ ଏକ ସମୃଦ୍ଧ, ପରିପକ୍ୱ ଓ ଆକର୍ଷକ ଅର୍ଥନୀତି । ଭାରତର ଅର୍ଥନୀତି ଅନ୍ୟମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି । ଅନ୍ୟମାନେ ଏଠାକୁ ମୁନାଫା କରିବାକୁ ଆସୁଛନ୍ତି । ପୁଞ୍ଜି ନିବେଶ କରି ମୁନାଫା ପାଉଛନ୍ତି । ତେଣୁ ସେମାନଙ୍କ ଉପରେ ଟ୍ୟାକ୍ସ ଲଗାଯିବାରେ କିଛି ଭୁଲ୍ ନାହିଁ । ଘରୋଇ ପୁଞ୍ଜି ନିବେଶକମାନଙ୍କ ମଧ୍ୟରୁ ଛୋଟଛୋଟ ନିବେଶକ ଏହାଦ୍ୱାରା ପ୍ରଭାବିତ ହେବେ ନାହିଁ । ଅର୍ଥାତ୍ ଜଣେ ବ୍ୟକ୍ତି ଯଦି ୧ ଲକ୍ଷ ଟଙ୍କା ନିବେଶ କରନ୍ତି ଓ ବର୍ଷ ପୂରିବା ପରେ ଏହି ନିବେଶର ମୂଲ୍ୟ ୧ ଲକ୍ଷ ୯୦ ହଜାର ୯୯ ଟଙ୍କା ହୋଇଥାଏ ତେବେ ମଧ୍ୟ ତାଙ୍କୁ ୧ ଟଙ୍କା ଟିକସ ଦେବାକୁ ପଡ଼ିବ ନାହିଁ । କିନ୍ତୁ ବଡ଼ ମୁନାଫା କମାଉଥିବା ନିବେଶକ ମାନଙ୍କୁ ଟିକସ ଦେବାକୁ ପଡ଼ିବ । ପ୍ରକାଶଥାଉ କି, ଶୁକ୍ରବାର ଲଙ୍ଗଟର୍ମ୍ କ୍ୟାପିଟାଲ୍ ଗେନ୍ ଟ୍ୟାକ୍ସ ହେତୁ ପୁଞ୍ଜିବଜାରରେ ରକ୍ତପାତ ସୃଷ୍ଟି ହୋଇଥିଲା । ସୋମବାର ମଧ୍ୟ ଏହି ଧାରା ବଜାୟ ରହିବ ବୋଲି କୁହାଯାଉଛି । କାରଣ ଆମେରିକାର ଡାଉଜୋନ୍ସ ମଧ୍ୟ ୬୬୬ ପଏଣ୍ଟ ହ୍ରାସ ପାଇଛି ଯାହା ଗତ ୪ ବର୍ଷ ମଧ୍ୟରେ ସବୁଠାରୁ ବଡ଼ହ୍ରାସ ବୋଲି କୁହାଯାଉଛି ।

# ମଦୁରାଇର ମୀନାକ୍ଷୀ ମନ୍ଦିରରେ ଭୟାବହ ଅଗ୍ନିକାଣ୍ଡ



ମଦୁରାଇ, ୩/୨ (ଏଜେନ୍ସି) : ଏଠାରେ ଥିବା ମୀନାକ୍ଷୀ ଅମ୍ମା ମନ୍ଦିରରେ ଶନିବାର ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ମାତ୍ର ଏଥିଯୋଗୁଁ ମନ୍ଦିରର କୌଣସି କ୍ଷତି ହୋଇନାହିଁ । ତେବେ ମନ୍ଦିର ପରିସରରେ ଥିବା ସହସ୍ରସ୍ତମ୍ଭ ମଣ୍ଡପ ନିକଟରେ ଅନେକ ଗୁଡ଼ିଏ ଦୋକାନ ଜଳି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ମିଳିବା ପରେ ଦମକଳବାହିନୀର ୫ଟି ଗାଡ଼ି ଘଟଣାସ୍ଥଳକୁ ଆସି ନିଆଁକୁ ଆୟତ୍ତ କରିଥିଲେ । ରିପୋର୍ଟ ମୁତାବକ ସର୍ଟ୍ ସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ଏଥିରେ କେହି ମୃତାହତ ହୋଇନାହାନ୍ତି ।

# ସଡକ ଦୁର୍ଘଟଣାକୁ ନେଇ କୋଲକତାରେ ଲଙ୍କାକାଣ୍ଡ

କୋଲକତା, ୩/୨ (ଏଜେନ୍ସି) : ଶନିବାର ସକାଳେ କୋଲକତାର ଇଏମ୍ ବାଇପାସ୍ ରାସ୍ତାର ଚିଙ୍ଗୁଡ଼ିଘାଟ ନିକଟରେ ଗୋଟିଏ ବସ୍‌ଧକ୍କାରେ ୨ ଯୁବକଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ନେଇ ସେଠାରେ ଲଙ୍କାକାଣ୍ଡ ସୃଷ୍ଟି ହୋଇଛି । ଉତ୍ତ୍ୟକ୍ତ ଲୋକେ ୫ଟି ବସ୍‌କୁ ପୋଡ଼ିଦେବା ସହ ତୀବ୍ର ଉତ୍ତେଜନା ପ୍ରକାଶ କରିଛନ୍ତି । ବ୍ୟାପକ ଜଳାପୋଡ଼ା ଓ ଭଙ୍ଗାରୁଜା କରାଯିବାରୁ ସମ୍ପୃକ୍ତ ଅଞ୍ଚଳରେ ର୍‍ୟାପିଡ୍ ଆକ୍ସନ ଫୋର୍ସ୍‌କୁ ମୁତୟନ କରାଯାଇଛି । ରୁଟ୍ ଏସ୍-୩୦ରେ ୫ ନମ୍ବର ସେକ୍ଟରକୁ ଯାଉଥିବା ଏକ ସରକାରୀ ବସ୍ ଧକ୍କା ଲଗାଇ ୨ ଜଣ ଯୁବକଙ୍କୁ ମାରିଦେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା ।

ଏକ ବିବାହ ଉତ୍ସବ ପାଇଁ ବିଶ୍ୱଜିତ ଭୂୟାଁ ଓ ସଂଜୟ ମୁର୍ମୁ ନାମକ ୨ କଲେଜଛାତ୍ର ମିଠା କିଣୁଥିବାବେଳେ ବସ୍‌ଟି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ସେମାନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଏହାକୁ ନେଇ ଶନିବାର ଅପରାହ୍ଣ ୨ଟା ପର୍ଯ୍ୟନ୍ତ ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ଜଳାପୋଡ଼ା ଓ ଭଙ୍ଗାରୁଜା ହୋଇଥିଲା । ଏହାପରେ ଟିଏମ୍‌ସି ବାସୁ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାଶୁଝା କରିଥିଲେ । ଦୁର୍ଘଟଣା କରିଥିବା ବସ୍‌ଟି ଦ୍ରୁତବେଗରେ ଖସି ପଳାଇଯାଇଥିବାବେଳେ ପୋଲିସ ଏହାକୁ ରୋକିପାରିନଥିଲା । ତେବେ ଟ୍ରାଫିକ୍ ପୋଲିସ ଲାଞ୍ଚନେଇ ବେଆଇନ୍ କାମକୁ ପ୍ରୋତ୍ସାହନ ଦେଉଥିବାରୁ ଏଭଳି ଘଟଣା ଘଟିଥିବା କୁହାଯାଉଛି ।

# ଆମେରିକାର ଆଣବିକ ଡକ୍ଟ୍ରିନ୍‌ରେ ଋଷ, ଚୀନ ଓ ପାକିସ୍ତାନକୁ ଚେତାବନୀ

ୱାଶିଂଟନ୍, ୩/୨ (ଏଜେନ୍ସି) : ଯୁକ୍ତରାଷ୍ଟ୍ର ଆମେରିକା ଶୁକ୍ରବାର ୭୪ ପୃଷ୍ଠା ସମ୍ବଳିତ ଆଣବିକ ଡକ୍ଟ୍ରିନ୍ ଜାରି କରିଛି । ଏଥିରେ ଋଷ, ଚୀନ୍ ଓ ପାକିସ୍ତାନ ସମେତ ଉତ୍ତର କୋରିଆକୁ ଆମେରିକା ଶକ୍ତ ଚେତାବନୀ ଦେଇଛି । ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଏହି ଡକ୍ଟ୍ରିନ୍‌ରେ କୁହାଯାଇଛି ଯେ, ଋଷିଆକୁ ଆମେରିକା ସହଜରେ ଗ୍ରହଣ କରିବ ନାହିଁ । ଋଷିଆ ୟୁରୋପୀୟ ରାଷ୍ଟ୍ରମାନଙ୍କ ଉପରେ ସୀମିତ ଆଣବିକ ଯୁଦ୍ଧ କଲେ ମଧ୍ୟ ଏହାର ଭୟଙ୍କର ପରିଣତି ଭୋଗିବାକୁ ପଡ଼ିବ । ସେହିପରି ଚୀନ୍‌କୁ ଚେତାବନୀ ଦେଇ କୁହାଯାଇଛି ଯେ, ଅବିମୃଶ୍ୟକାରୀ ଦେଶ ତଥା ଅଣରାଷ୍ଟ୍ର ଶକ୍ତିମାନଙ୍କୁ ଯେଉଁମାନେ ଆଣବିକ ବୋମା ଦେବା ସପକ୍ଷରେ କାମ କରୁଛନ୍ତି ସେମାନେ ସତର୍କ ରହିବା ଉଚିତ । ଉତ୍ତର କୋରିଆକୁ ଆମେରିକା ଚେତାବନୀ ଦେଇ କହିଛି ଯେ, ଏହି ଦେଶ କୌଣସି ଦୁଃସାହାସ କଲେ ଏହାରା ଅନ୍ତିମ ପରିଣତିର କାରଣ ହେବ । ସେହିପରି ଆତଙ୍କବାଦୀଙ୍କ ହାତରେ ଅଣୁ ଅସ୍ତ୍ର ପଡ଼ିବା ନେଇ ଆମେରିକା ଆଶଙ୍କା ବ୍ୟକ୍ତ କରିଛି ।

ପାକିସ୍ତାନରେ ଆତଙ୍କବାଦୀମାନେ ଅଣୁଅସ୍ତ୍ର ହାସଲ କରିବା ନେଇ ଏହି ରିପୋର୍ଟରେ ଆଶଙ୍କା ବ୍ୟକ୍ତ କରାଯାଇଛି । ଯଦିଓ ଏଭଳି ଆଶଙ୍କାକୁ ପାକିସ୍ତାନ



ଅଗ୍ରାହ୍ୟ କରିଆସିଛି । ପାକିସ୍ତାନରେ ଅଣୁଅସ୍ତ୍ର ସବୁଠାରୁ ସୁରକ୍ଷିତ ରହିଛି ବୋଲି ସେ ଦାବି କରିଆସୁଛି । ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଏହି ଡକ୍ଟ୍ରିନ୍‌ରେ କୁହାଯାଇଛି ଯେ, ଆତଙ୍କବାଦୀ ବା ଅଣରାଷ୍ଟ୍ର ଶକ୍ତି ଅଥବା କୌଣସି ଅବିମୃଶ୍ୟକାରୀ ଦେଶ ହାତରେ ଯଦି କେହି ଅଣୁଅସ୍ତ୍ର ଟେକିଦେବାକୁ ଉଦ୍ୟମ କରେ ତେବେ ଏଥିପାଇଁ ସମ୍ପୃକ୍ତ ଦେଶ ହିଁ ଦାୟୀ ରହିବ ।

# ପୁଲଓ୍ୱାମାରେ ସିଆର୍‌ପିଏଫ୍ ଜବାନଙ୍କ ଉପରେ ଗ୍ରେନେଡ୍ ମାଡ

ଶ୍ରୀନଗର, ୩/୨ (ଏଜେନ୍ସି) : ଶନିବାର ପୁଲଓ୍ୱାମା ଜିଲ୍ଲାର ତ୍ରାଲ୍ ଅଞ୍ଚଳର ବଟଗୁଣ୍ଡ ଗ୍ରାମରେ ସିଆର୍‌ପିଏଫ୍ ଜବାନଙ୍କ ଉପରକୁ ଆତଙ୍କବାଦୀମାନେ ଗ୍ରେନେଡ୍ ମାଡ଼ କରିଛନ୍ତି । ଏହି ଘଟଣାରେ ୨ ଜଣ ସାଧାରଣ ନାଗରିକ ଓ ୨ ଜଣ ସିଆର୍‌ପିଏଫ୍ ଜବାନ ଆହତ ହୋଇଛନ୍ତି । ସୁରକ୍ଷାକର୍ମୀମାନେ ଉକ୍ତ ଅଞ୍ଚଳକୁ ଘେରାଉ କରି ତଲାସୀ ଜାରି ରଖିଛି । ମାସକ ତଳେ ଆତଙ୍କବାଦୀମାନେ ପୁଲଓ୍ୱାମା ତହସିଲ୍ ଅଫିସ ଉପରକୁ ଗ୍ରେନେଡ୍ ମାଡ଼ କରିଥିଲେ । ଏହି ଘଟଣାରେ ପାକିସ୍ତାନରୁ ପଶି ଆସିଥିବା କିଛି ଆତଙ୍କବାଦୀ ସମ୍ପୃକ୍ତ ଥିବା କୁହାଯାଉଛି । ନିୟନ୍ତ୍ରଣ ରେଖାର ଆରପଟେ ପ୍ରାୟ ୫ଶହ ପାକ୍ ପ୍ରଶିକ୍ଷିତ ଆତଙ୍କବାଦୀ ଅନୁପ୍ରବେଶ ପାଇଁ ଜଗି ରହିଥିବା ସେନା ପକ୍ଷରୁ କୁହାଯାଉଛି । ଭାରତୀୟ ଉତ୍ତର କମାଣ୍ଡ ଲେଫ୍ଟନାଣ୍ଟ ତଥା କମାଣ୍ଡିଂ ମୁଖ୍ୟ ଜେନେରାଲ୍ ଦେବରାଜ ଅମ୍ବୁ କହିଛନ୍ତି ଯେ, ପୀର ପଞ୍ଜାଲ୍‌ର ଦକ୍ଷିଣରେ ପ୍ରାୟ ୨୫୦ ଆତଙ୍କବାଦୀ ଅନୁପ୍ରବେଶ ପାଇଁ ପ୍ରସ୍ତୁତ ରହିଥିବାବେଳେ ଉତ୍ତର ପୀରପଞ୍ଜାଲ୍‌ରେ ୨୦୦ରୁ ୨୫୦ ଆତଙ୍କବାଦୀ ଛକି ରହିଛନ୍ତି ।

# ସୁପର ବ୍ଲୁ ମୁନ୍ ଦେଖିବାକୁ ଆସିଥିଲେ ଏଲିଅନସ୍ !

ନୂଆଦିଲ୍ଲୀ, ୩/୨ (ଏଜେନ୍ସି) : ଗତ ୩୧ ତାରିଖରେ ହୋଇଥିବା ମହାଜାଗତିକ ଘଟଣା ଦେଖିବା ପାଇଁ କେବଳ ବିଶ୍ୱବାସୀ ଯେ ଉତ୍କଣ୍ଠିତ ଥିଲେ ତା'ନୁହେଁ ବରଂ ଅନ୍ୟ ଗ୍ରହର ଏଲିଏନ୍ସ ମାନେ ମଧ୍ୟ ଏହାକୁ ଦେଖିବା ପାଇଁ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିଥିବା ଏକ ସ୍ଥିର ଫଟୋଚିତ୍ରରୁ ପ୍ରମାଣ ମିଳିଛି । ଏହି ଚିତ୍ରରେ ଚନ୍ଦ୍ରଗ୍ରହଣ ପୂର୍ବରୁ ଚନ୍ଦ୍ର ଠାରୁ ଅନତି ଦୂରରେ ଗୋଟିଏ ଏଲଅନ୍ସ ଉଡୁଥିବା ଦେଖିବାକୁ ମିଳିଥିଲା । ଏ ସମ୍ପର୍କିତ ଭିଡିଓ ୟୁଟ୍ୟୁବ୍‌ର ୟୁଫୋ ମାନିଆ ଚ୍ୟାନେଲ୍‌ରେ ଦୃଶ୍ୟମାନ ହେଉଛି ।

# ବିହାରରେ ଟ୍ରେନ୍ ଦୁର୍ଘଟଣା : ୪ ମୃତ

ପାଟନା, ୩/୨ (ଏଜେନ୍ସି) : ବିହାରର ଶିବାନ ଜିଲ୍ଲାରେ ଏକ ରେଳ ଧକ୍କାରେ ୪ ଜଣଙ୍କ ମୃତ୍ୟୁ ଘଟିଛି । ଗୋପଳଗଞ୍ଜ ଜିଲ୍ଲାର ଏହି ଯୁବକମାନେ ଚାଦର ଚଢ଼ାଇବାକୁ ଏକ ମଜହରକୁ ଯାଉଥିଲେ । ମୃତକମାନେ ହେଲେ ଖୁସୁବ୍ ନିଶାନ, ଝୁନି ଖାତୁନ୍, ଅସଲମ ଅନସାରୀ ଓ ସରସ୍ୱତୀ ଦେବୀ । ସେମାନଙ୍କ ସହ ଯାଉଥିବା ଗୋଟିଏ ଛୋଟ ପିଲା ମୁନ୍ନା ଅଳ୍ପକେ ବର୍ତ୍ତିଯାଇଛି । ଦାହା ନଦୀ ଉପରେନିର୍ମିତ ରେଳପୋଲ ଉପରେ ଚାଲିଚାଲି ଏହି ଯାତ୍ରୀମାନେ ଯାଉଥିଲେ । ମାତ୍ର ପ୍ରବଳ କୁହୁଡ଼ି ଯୋଗୁଁ ଟ୍ରେନ୍ ଡ୍ରାଇଭର ସେମାନଙ୍କୁ ଦେଖିପାରୁନଥିଲେ । ଏହି ଘଟଣା ପରେ ରାଜ୍ୟ ସରକାର ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ଲେଖାଏ ଦେବାକୁ ଘୋଷଣା କରିଛନ୍ତି ।

# କେଜରିୱାଲ୍‌ଙ୍କୁ ଅଦାଲତଙ୍କ ନୋଟିସ୍

ପାନାଜୀ, ୩/୨ (ଏଜେନ୍ସି) : ଗତବର୍ଷ ଜାନୁଆରୀରେ ଏଠାରେ ଅନୁଷ୍ଠିତ ନିର୍ବାଚନ ସମୟରେ ପ୍ରଚାର କରିବାକୁ ଆସିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଜାନୁୟାରୀ ୭ ଓ ୮ରେ ଗୋଆରେ ୨ଟି ର୍‍ୟାଲି କରି ଯେଉଁ ବିବାଦୀୟ ମନ୍ତବ୍ୟ ଦେଇଥିଲେ ସେନେଇ ସ୍ଥାନୀୟ ଅଦାଲତ ତାଙ୍କୁ ନୋଟିସ୍ ପଠାଇଛନ୍ତି । ଏହି ର୍‍ୟାଲି ସମୟରେ କେଜରିୱାଲ୍ ଲୋକମାନଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, କଂଗ୍ରେସ ଓ ବିଜେପି ଠାରୁ ଟଙ୍କା ନିଅ; ହେଲେ ଆପ୍‌କୁ ଭୋଟ୍ ଦିଅ । ଏହି ନିର୍ବାଚନରେ ୪୦ଟି ଆସନ ମଧ୍ୟରୁ ୩୯ଟି ସିଟ୍‌ରେ ଆପ୍ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା । ତେବେ ଖୋଲାଖୋଲି ଭାବେ ଲୋକମାନଙ୍କୁ ଲାଞ୍ଚ ନେବା ପାଇଁ କେଜରିୱାଲ୍ ପ୍ରବର୍ତ୍ତାଇଥିବାରୁ ମାପୁସା ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ (ପ୍ରଥମ ଶ୍ରେଣୀ) ପୋଲିସକୁ କେଜିରୱାଲଙ୍କ ବିରୁଦ୍ଧରେ ଏତଲା ଦାୟର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୮ ତାରିଖରେ ମାମଲାର ଶୁଣାଣି ହେବ । ଏଥିପୂର୍ବରୁ ଲାଞ୍ଚ ଅଭିଯୋଗରେ ଧାରା ୧୭୧ (ଖ), ୧୭୧ (ଙ) ଓ ଆଇପିସିର ବିଭିନ୍ନ ଧାରାରେ କେଜରିଙ୍କ ବିରୁଦ୍ଧରେ ମାମଲା ଦାୟର କରିବାକୁ କୁହାଯାଇଛି ।

# ପଦ୍ମାବତକୁ ଆଉ ବିରୋଧ କରିବନି କର୍ଣ୍ଣିସେନା

ଜୟପୁର, ୩/୨ (ଏଜେନ୍ସି) : ୨୦୧୬ରୁ ବିବାଦୀୟ ଚଳଚ୍ଚିତ୍ର ପଦ୍ମାବତ (ପଦ୍ମାବତୀ)କୁ ବିରୋଧ କରି କର୍ଣ୍ଣି ସେନା କେତେ ନାଟକ ରଚିଲା । ସେଟ୍ ପୋଡ଼ି ଦେବା ଠାରୁ ଆରମ୍ଭ କରି ଚଳଚ୍ଚିତ୍ର ସୁଟିଂରୁ ରିଲିଜ୍ ପର୍ଯ୍ୟନ୍ତ ଲୋକମାନଙ୍କୁ ଟିହାଇଲା ଏହି ରାଜପୁତ କର୍ଣ୍ଣିସେନା । ଏପରିକି ଚଳଚ୍ଚିତ୍ର ରିଲିଜ୍ ହେବାର ବେଶ୍ କିଛି ଦିନ ପର୍ଯ୍ୟନ୍ତ ଏହି ସଂଗଠନ ଉକ୍ତ ଚଳଚ୍ଚିତ୍ରକୁ ବିରୋଧ କରୁଥିଲା । ଏପରିକି ଗତ ଗୁରୁବାର କର୍ଣ୍ଣିସେନା ପକ୍ଷରୁ କୁହାଯାଇଥିଲା ଯେ, ସଂଜୟ ଲୀଳା ଭଁସାଲୀ ଆମର ମା'କୁ ଅପମାନିତ କରିଥିବାରୁ ଆମେ ମଧ୍ୟ ତାଙ୍କ ମା'ଙ୍କୁ ନେଇ ଏକ ଚଳଚ୍ଚିତ୍ର ନର୍ମାଣ କରିବୁ। ଏହାପରେ ତାଙ୍କୁ କିପରି ଲାଗୁଛି ସେ ଜାଣିପାରିବେ ।

ତେବେ ଶୁକ୍ରବାର ଶ୍ରୀରାଜପୁର କର୍ଣ୍ଣିସେନା 'ପଦ୍ମାବତ' ଚଳଚ୍ଚିତ୍ରକୁ ଆଉ ବିରୋଧ କରିବ ନାହିଁ ବୋଲି ଅପ୍ରତ୍ୟାଶିତ ଭାବେ ଘୋଷଣା କରିଛି । ଏହି ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶୁକଦେବ ସିଂହ ଗୋଗୋମାଡ଼ି କହିଛନ୍ତି ଯେ,ଏହି ଚଳଚ୍ଚିତ୍ରରେ ଆଉ କିଛି ବିବାଦୀୟ ଦୃଶ୍ୟ ବା ସଂଳାପ ନାହିଁ । ଏଥିରେ ରାଜପୁତମାନଙ୍କ ଗୁଣଗାନ କରାଯାଇଛି । ଏହାକୁ ଦେଖିଲେ ସମସ୍ତ ରାଜପୁତ ଗର୍ବ ଅନୁଭବ କରିବେ । ଏଥିରେ ଆଲ୍ଲାଉଦ୍ଦିନ ଖିଲିଜୀ ଓ ରାଣୀ ପଦ୍ମିନୀଙ୍କୁ ନେଇ କୌଣସି ବିବାଦୀୟ ଦୃଶ୍ୟ ନାହିଁ । ତେଣୁ ଆମେ ଏହି ଚଳଚ୍ଚିତ୍ରକୁ ସ୍ୱାଗତ କରୁଛୁ । ଭଁସାଲୀଙ୍କୁ ମଧ୍ୟ ଆମେ ପ୍ରଶଂସା କରୁଛୁ । ବର୍ଷେରୁ ଅଧିକ ସମୟ ହେଲା ଖୁବ୍ ନାଚୁଥିବା କର୍ଣ୍ଣିସେନା ଏବେ ନିଜ ଛେପ ନିଜେ ଢୋକୁଛି । ତେବେ ଏହି ଘଟଣା ପଛରେ କୌଣସି ଚାପ ବ ଅର୍ଥ କାରବାର ହୋଇଥିବାର କୌଣସି ସୂଚନା ମିଳିନାହି । ତେବେ ଉକ୍ତ ଚଳଚ୍ଚିତ୍ରଟି ବକ୍ସଅଫିସ୍‌ରେ ସୁପରହିଟ୍



ହୋଇଥିବାବେଳେ ଏହାର ରିଲିଜ୍‌କୁ ୮ ଦିନ ବିତିଗଲାଣି । ରିଲିଜ ହେବାର ଏତେଦିନ ପରେ କର୍ଣ୍ଣିସେନା ହଠାତ୍ ଏହାର ମତ ବଦଳାଇବା ସମସ୍ତଙ୍କୁ ଚକିତ କରିଛି ।

# ଚନ୍ଦ୍ରଗ୍ରହଣ ସମୟରେ ହାଇଦ୍ରାବାଦରେ ନବଜାତକୁ ବଳି

ହାଇଦ୍ରାବାଦ, ୩/୨ (ଏଜେନ୍ସି) : ଆମ ଦେଶରେ ପ୍ରକୃତରେ ଦେଖିବାକୁ ଗଲେ ବିଜ୍ଞାନ ଲୋକଙ୍କୁ ଛୁଇଁପାରି ନାହିଁ । ଅଦୃଶ୍ୟ ଶକ୍ତିର କୃପାଲାଭ ପାଇଁ ଅନ୍ଧବିଶ୍ୱାସର ଶିକାର ଲୋକେ ମଣିଷ ବଳି ଦେବା ଏହି କାରଣରୁ ବନ୍ଦ ହେଉନାହିଁ । ଗତ ଗୁରୁବାର ବିରଳ ଚନ୍ଦ୍ରଗ୍ରହଣ ସମୟରେ ସମସ୍ତେ ମହାଜାଗତିକ ଘଟଣାକୁ ଦେଖିବା ପାଇଁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବାବେଳେ ହାଇଦ୍ରାବାଦର ଚିଲୁକା ନଗରରେ ଜଣେ ବ୍ୟକ୍ତି ଘରର ଛାତ ଉପରେ ଗୋଟିଏ ୩ ମାସର ନବଜାତ ଶିଶୁକୁ ବଳି ଦେଇଥିବା ଜଣାପଡ଼ିଛି । ଘଟଣା ଘଟିଥିବା ଉକ୍ତ ଆପାର୍ଟମେଣ୍ଟର ଛାତ ଉପରକୁ ଜଣେ ମହିଳା ଲୁଗା ଶୁଖାଇବାକୁ ଯାଇଥିବାବେଳେ ଶିଶୁଟିର କଟାମୁଣ୍ଡ ଦେଖି ଭୟଭୀତ ହୋଇପଡ଼ିଥିଲେ । ସେ ଚିତ୍କାର କରି ଅନ୍ୟମାନଙ୍କୁ



ଡାକିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ସନ୍ଧାନୀକୁକୁର ବଳରେ ପୋଲିସ ଉକ୍ତ ମହିଳାଙ୍କ ସ୍ୱାମୀ ରାଜଶେଖର ଓ ଅନ୍ୟ ଜଣେ ପଡ଼ୋଶୀ ନରହରି ଏବଂ ନରହରିଙ୍କ ପୁଅ ରଣଜିତଙ୍କୁ ଗିରଫ କରିଛି । ଏହି ୩ ଜଣ ଅଭିଯୁକ୍ତ ୩ ମାସର ନବଜାତକକୁ ଆଣି ଛାତ ଉପରେ ପୂଜାପାଠ କରି ଚନ୍ଦ୍ରଗ୍ରହଣ ସମୟରେ ବଳି ଦେଇଥିଲେ । ପୂର୍ଣ୍ଣଗ୍ରାସ ସମୟରେ ବଳି ଦେବା ପରେ ପିଲାଟିର ମୁଣ୍ଡ ଛିଟିକି ପଡ଼ିଥିଲା । ତେବେ ଏହାକୁ ଖୋଜାଖୋଜି ନକରି ମୁଣ୍ଡବିହୀନ ଶରୀର, ରକ୍ତ ଜୁଡୁବୁଡୁ ଖଣ୍ଡା ଏବଂ ରକ୍ତଛିଟା ଲାଗିଥିବା କପଡ଼ା ଆଦି ଏକ ଡଷ୍ଟବିନ୍‌ରେ ସେମାନେ ଫିଙ୍ଗି ପଳାଇଥିଲେ । ସନ୍ଧାନୀକୁକୁର ସେମାନଙ୍କୁ ଧରିବାରେ ସଫଳ ହୋଇଛି । ଉକ୍ତ ଆପାର୍ଟମେଣ୍ଟର ମାଲିକାଣୀ ବାଳଲକ୍ଷ୍ମୀ ଘଟଣାକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ତାଙ୍କ ଛାତ ଉପରେ କାହିଁକି ବଳି ଦିଆଗଲା ବୋଲି ପ୍ରଶ୍ନ କରିଛନ୍ତି ।

# ଦିଲ୍ଲୀରେ ଯୁବକଙ୍କ ହତ୍ୟାକୁ ନେଇ ଉତ୍ତେଜନା

ଗୁଆହାଟୀ, ୩/୨ (ଏଜେନ୍ସି) : ଦିଲ୍ଲୀରେ ଜଣେ ୨୩ ବର୍ଷୀୟ ହିନ୍ଦୁ ଯୁବକ ଜଣେ ମୁସଲିମ୍ ଯୁବତୀଙ୍କୁ ଭଲ ପାଇବା ତାଙ୍କ ପାଇଁ ଘାତକ ହୋଇଛି । ସେହଜାଦୀ ନାମକ ଜଣେ ୨୦ ବର୍ଷୀୟା ମୁସଲିମ୍ ଯୁବତୀଙ୍କୁ ପେଷାରେ ଫଟୋଗ୍ରାଫର ଅଙ୍କିତ ସକ୍ସେନା ଭଲ ପାଇ ବସିଥିଲେ । ୩ ବର୍ଷ ଧରି ସେମାନଙ୍କ ମଧ୍ୟରେ ସମ୍ପର୍କ ଥିଲା । ତେବେ ଏହି ଘଟଣା ଯୁବତୀଙ୍କ ପରିବାର ଲୋକ ଜାଣିବା ପରେ ତାଙ୍କ ବାପା, ମା' ଓ ମାମୁଁ ଯୁବକଙ୍କୁ କୌଶଳକ୍ରମେ ଡକାଇ ଗୁରୁବାର ରାତିରେ ଗଳାକାଟି ହତ୍ୟା କରିଛନ୍ତି । ଏହି ଘଟଣାରେ ପୋଲିସ ଉକ୍ତ ଯୁବତୀଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି । ମୃତ ଯୁବକଙ୍କ ଘର ଠାରୁ ଅନତି ଦୂରରେ ଏହି ଘଟଣା ଘଟିଥିଲା । ତାଙ୍କର ଚିତ୍କାର ଶୁଣି ଯୁବକଙ୍କ ମା' ଘରୁ ବାହାରି ଆସିଥିଲେ ।

## ସୁନ୍ଦରଗଡ ଜିଲ୍ଲା ସମାଚାର

### ଏ ବଜେଟ୍ କର୍ପୋରେଟ୍ ହାଉସ୍ ଓ ସାଧାରଣ ନିର୍ବାଚନ ପାଇଁ ଉଦ୍ଦିଷ୍ଟ

# ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ, କୃଷକ ଓ ଶ୍ରମିକ କର୍ମଚାରୀ ବିରୋଧି ବଜେଟ୍ : ସିଆଇଟିୟୁ

ରାଉରକେଲା, ୩।୨ (ଶ୍ରୁ.ମି) : କେନ୍ଦ୍ର ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ଅରୁଣ ଜେଟ୍‌ଲି ଚଳିତ ଆର୍ଥିକ ବର୍ଷ ୨୦୧୮-୧୯ ନିମନ୍ତେ ବଜେଟ୍ ଆଗତ କରିଛନ୍ତି । ଏହି ବଜେଟ୍‌ରେ କିଛି ନୂତନତ୍ୱ ନାହିଁ । ଏହା ଏକ ପ୍ରତାରଣାପୂର୍ଣ୍ଣ ତଥା ଜନବିରୋଧି ବଜେଟ୍ । ବଜେଟ୍‌ରେ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ, କୃଷକ, ଖଟିଖିଆ ଦିନମଜୁରିଆ ଓ ଶ୍ରମିକଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ । ଦେଶର ଜିଡିପିରେ ୬୭ ଭାଗ ଅସଙ୍ଗଠିତ ଶ୍ରମିକ ଯେଉଁମାନଙ୍କ ସଂଖ୍ୟା ୪୩ କୋଟିରୁ ଊର୍ଦ୍ଧ୍ୱ ସେମାନଙ୍କ ପାଇଁ ଏ ବଜେଟ୍‌ରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ । ଅପରନ୍ତୁ କର୍ପୋରେଟ୍ ମାଲିକଙ୍କ ସ୍ୱାର୍ଥରକ୍ଷା ପାଇଁ ବାର୍ଷିକ ୨୫୦ କୋଟି ଟଙ୍କାର କାରବାର କରୁଥିବା କମ୍ପାନୀମାନଙ୍କୁ ୨୫ ଭାଗ ଟିକସ ଛାଡ କରାଯାଇଛି, ଯାହା ପ୍ରାୟ ୭ ହଜାର କୋଟି ଟଙ୍କା ହେବ । ଆମ ଦେଶର ୭୩ ଭାଗ ସମ୍ପତ୍ତି ମାତ୍ର ୧ ଭାଗ ଲୋକଙ୍କ ହାତରେ ରହିଛି । ୯୯ ଭାଗ ଲୋକ ମାତ୍ର ୨୭ ଭାଗ ସମ୍ପତ୍ତିର ମାଲିକ ଅଛନ୍ତି । ଦେଶରେ ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ଦୂର କରିବା ପାଇଁ ଏ ସରକାର ସ୍ଲୋଗାନ ଦେଉଥିଲେ ମଧ୍ୟ କାର୍ଯ୍ୟତଃ ଗରିବ, ଖଟିଖିଆ ଏବଂ ସାଧାରଣ ଲୋକଙ୍କୁ ପ୍ରତାରିତ କରିଛନ୍ତି । ଆଇଏଲ୍‌ସିର ୪୪ ଓ ୪୫ତମ ବୈଠକର ନିଷ୍ପତ୍ତି ଅନୁଯାୟୀ ଅଙ୍ଗନୱାଡି, ଆଶାକର୍ମୀ, ପାଚିକା ପ୍ରଭୃତି ସ୍କିମ୍ ଶ୍ରମିକମାନଙ୍କୁ ବଜେଟ୍‌ରେ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଛି । ସେମାନଙ୍କୁ ଶ୍ରମିକର ମାନ୍ୟତା ଦେଇ ସର୍ବନିମ୍ନ ମଜୁରୀ ୧୮ ହଜାର ଟଙ୍କା, ସାମାଜିକ ସୁରକ୍ଷା ନ ଦେଇ ପାର୍ଲିଆମେଣ୍ଟ ସଭ୍ୟ, ରାଷ୍ଟ୍ରପତି, ଉପରାଷ୍ଟ୍ରପତିଙ୍କ ବେତନ ୫ ଲକ୍ଷ ପର୍ଯ୍ୟ' କରିବା କେକେଦୂର ଯଥାର୍ଥ । ଦେଶରେ ଯେଉଁମାନେ ଦଳିତ, ନିଷ୍ପେଷିତ ଏବଂ ଗରିବ ଲୋକ ସେମାନଙ୍କ ସ୍ୱାର୍ଥ ବିରୁଦ୍ଧରେ ମାଲିକମାନଙ୍କ ସ୍ୱାର୍ଥ ପାଇଁ ଏ ସରକାର କାର୍ଯ୍ୟ କରୁଛନ୍ତି ତାହା ଏହି ବଜେଟ୍‌ରେ ପ୍ରମାଣିତ ହୋଇଛି । ବିଶେଷ କରି ୨୦୧୯ର ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବଜେଟ୍ ଆଗତ କରାଯାଇଛି । ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁ କରି ଜନସାଧାରଣ ଓ ଦେଶର ପ୍ରଭୁତ କ୍ଷତି ଘଟାଇଛନ୍ତି ଓ ପ୍ରତ୍ୟେକ ବର୍ଷ ଭାରତର ୨ କୋଟି ଯୁବକଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇଥିବା ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏବେ ୭୦ ଲକ୍ଷ ଯୁବକଙ୍କୁ ଚାକିରୀ ଦେବା କଥା କହିଛନ୍ତି । ଅପରପକ୍ଷରେ ବିଗତ ୫ ବର୍ଷ ଭିତରେ ଭାରତ ସରକାରଙ୍କ ଅଧିନରେ ଖାଲିଥିବା ସମସ୍ତ ସରକାରୀ ଚାକିରୀକୁ ଉଚ୍ଛେଦ କରିଛନ୍ତି । ଯାହା ଚାକିରୀ ମିଳିବ ଆଉଟ୍ ସୋର୍ସ ଓ ଠିକାଦାରଙ୍କ ଅଧିନରେ ମିଳିବ । କୃଷକମାନଙ୍କୁ ରବି ଫସଲ ପାଇଁ ସର୍ବନିମ୍ନ ସହାୟକ (ଏମ୍‌ଏସ୍‌ପି) ଦେଢଗୁଣା କରି ଦିଆଯାଇଥିବା କଥା ସମ୍ପୂର୍ଣ୍ଣ ମିଥ୍ୟା । ସେହିଭଳି ୧୦ କୋଟି ଗରିବ ପରିବାରକୁ ୫ ଲକ୍ଷ ଟଙ୍କା କରି ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯିବା କଥା କହି ମାତ୍ର ୧୬ ଶହ କୋଟି ଟଙ୍କା ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି, ଯାହା ୧୦ ଲକ୍ଷ ପରିବାରକୁ ଯୋଗାଇ ଦେଇହେବ ନାହିଁ । ଏହା କେବଳ ବୀମା କମ୍ପାନୀକୁ ପୋଷିବା ପାଇଁ କରାଯାଇଛି । ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ୮୦ ହଜାର କୋଟି ଟଙ୍କା ପୁଁ ପ୍ରତ୍ୟାହାର କରି ମେକ୍ ଇନ୍ ଇଣ୍ଡିଆ କରାଯିବ ବୋଲି ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି, ଯାହା ସମ୍ପୂର୍ଣ୍ଣ ଦେଶ ତଥା ଜନସାଧାରଣଙ୍କ ସ୍ୱାର୍ଥ ବିରୋଧି । ଶ୍ରମ ଆଇନ୍ ସଂଶୋଧନ କରିବେ, ସ୍ଥାୟୀ ସ୍ଥାନରେ ଠିକା ଶ୍ରମିକ ଓ ଆଉଟ୍ ସୋର୍ସ ଶ୍ରମିକ ନିୟୋଜିତ ହେବେ । ଏହି ବଜେଟ୍ ସମ୍ପୂର୍ଣ୍ଣ ଜନବିରୋଧି, ଶ୍ରମିକ ବିରୋଧି ଓ ପ୍ରତାରଣାପୂର୍ଣ୍ଣ । ଏହା ବିରୁଦ୍ଧରେ ରାଜ୍ୟବ୍ୟାପି ଦୃଢ ଆନ୍ଦୋଳନ କରିବା ପାଇଁ ସିଆଇଟିୟୁ ରାଜ୍ୟ କମିଟି ପକ୍ଷରୁ ଆହ୍ୱାନ କରାଯାଉଛି ।

### ଭୋଟରଙ୍କୁ ସ୍ୱାଗତ

# ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସଂଗ୍ରାମ ଜାରି ରହିବ : ଏଚଏମଏସ

ରାଉରକେଲା, ୩।୨ (ଶ୍ରୁ.ମି) : ଗତ ୩୦ ତାରିଖରେ ଆରଏସପି ଏବଂ ୩୧ ତାରିଖରେ ଓସିଏଲ୍ ରାଜଗାଙ୍ଗପୁର ୟୁନିୟନ ସ୍ୱୀକୃତି ନିର୍ବାଚନରେ ଭୋଟମାନଙ୍କ ରାୟକୁ ହିନ୍ଦ୍ ମଜଦୁର ସଭା ବିନମ୍ରତା ସହ ଗ୍ରହଣ କରୁଛି, ସଂଗଠନର ରାଜ୍ୟ ନିର୍ବାହୀ ସଭାପତି ବିଦ୍ୟାଧର ବାରିକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ନାନା ପ୍ରକାର ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରି, ରାଉରକେଲା ମଜଦୁର ସଭା ଓ ଓଡ଼ିଶା ସିମେଣ୍ଟ ମଜଦୁର ସଂଘକୁ ଭୋଟ ଦେଇଥିବା ଶ୍ରମିକ ଭାଇ-ଭଉଣୀଙ୍କୁ ଧନ୍ୟବାଦ ଦେଇ କହିଛନ୍ତି ଚଳିତ ନିର୍ବାଚନରେ ପ୍ରତିପକ୍ଷ ୟୁନିୟନଙ୍କ ବିପୁଳ ଅର୍ଥବ୍ୟୟ ଓ ମାତ୍ରାଧିକ ରାଜନୀତି କରଣ ଯୋଗୁ ଏଚଏମଏସ ସଂଗଠନ ଉଭୟ ସ୍ଥାନରେ ବିଫଳତାର ସ୍ୱାଦ ଚାଖିଲା, ସେ ପୁନଶ୍ଚ କହିଛନ୍ତି ଉଭୟ ସ୍ଥାନରେ କର୍ମୀ ବୈଠକ ଅନୁଷ୍ଠିତ ହୋଇ ବିଫଳତାର କାରଣ ସମୀକ୍ଷା କରାଯିବ ଏବଂ ଭବିଷ୍ୟତରେ ସଂଗଠନକୁ ସକ୍ରିୟ ଓ ଶାଣିତ କରାଯିବ । ହିନ୍ଦ୍ ମଜଦୁର ସଭା ନୀତି ଓ ଆଦର୍ଶରେ ବିଶ୍ୱାସ କରେ । ଏହା ଏକ ମୁକ୍ତ, ସ୍ୱାଧୀନ ଓ ଗଣତାନ୍ତ୍ରିକ ସଂଗଠନ । ସ୍ଥାପନାକାଳରୁ ୧୯୪୮ ଏହାର ତାର ଆଭିମୁଖ୍ୟରୁ ଲକ୍ଷ୍ୟଭ୍ରଷ୍ଟ ହୋଇନାହିଁ କି କକ୍ଷଚ୍ୟୁତ ହୋଇନାହିଁ । ବିଜୟୀ ସଂଗଠନକୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି ଭୋଟରମାନଙ୍କ ନିର୍ବାଚନୀ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତିକୁ ଅକ୍ଷରେ ଅକ୍ଷରେ ପାଳନ କରିବା ଉଚିତ୍ । ହିନ୍ଦ୍ ମଜଦୁର ସଭା ଜାଗ୍ରତ ପ୍ରହରୀ ଭାବେ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ କାମ କରି ଆସିଛି ଓ କରି ଆସିବ । କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାରଙ୍କ ଶ୍ରମିକ ଓ ଜନ ବିରୋଧୀ ନୀତି ଓ କାର୍ଯ୍ୟକ୍ରମକୁ ପ୍ରତିହତ କରି ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ମିଳିତ ଶ୍ରମିକ ଆନ୍ଦୋଳନ ଏକାନ୍ତ ଅପରିହାର୍ଯ୍ୟ । ଏଥିପାଇଁ ସଚେତନ ଶ୍ରମିକ ଭାଇ ଭାଇ ଭଉଣୀମାନେ ସତର୍କ ରହିବାକୁ ସେ ଆହ୍ୱାନ କରିଛନ୍ତି । ଉଭୟ ରାଉରକେଲା ମଜଦୁର ସଭା ଏବଂ ଓଡ଼ିଶା ସିମେଣ୍ଟ ମଜଦୁର ସଂଘର ଅକ୍ଳାନ୍ତ ପରିଶ୍ରମ ଏବଂ ଉଦ୍ୟମ କରିଥିବା କର୍ମକର୍ତ୍ତା ଓ କର୍ମୀମାନଙ୍କ ପ୍ରତି ସେ ଗଭୀର କୃତଜ୍ଞତା ଅର୍ପଣ କରିଛନ୍ତି ।

# କେନ୍ଦ୍ରୀୟ ବଜେଟ ମଧ୍ୟବିତ୍ତ ଓ ନିମ୍ନ ଆୟକାରୀଙ୍କୁ ନିରାଶ କରିଛି : କଂଗ୍ରେସ

ରାଉରକେଲା, ୩।୨ (ଶ୍ରୁ.ମି) : କେନ୍ଦ୍ର ସରକାରଙ୍କ ସାଧାରଣ ବଜେଟ ମଧ୍ୟବିତ୍ତ ଓ ନିମ୍ନ ଆୟକାରୀଙ୍କୁ ନିରାଶ କରିଛି ବୋଲି ଜିଲ୍ଲା କଂଗ୍ରେସ କହିଛି । ବଜେଟରେ ଆୟକର ରିହାତିର ସୀମା ଅପରବର୍ତ୍ତିତ ରହିଥିବା ବେଳେ ନିମ୍ନ ଆୟକାରୀ ବର୍ଗଙ୍କ ପାଇଁ କୌଣସି ସୁବିଧା ନାହିଁ । ଏପରି କି କଂଗ୍ରେସ ସରକାର ସମୟରୁ ଦିଆଯାଉଥିବା ୩୦୦ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା ଓ ଭିନ୍ନକ୍ଷମ ଭତ୍ତାରେ ଟଙ୍କାଟିଏ ଯୋଗ କରିବାକୁ ସରକାର ଉଚିତ ମଣିନାହାଁନ୍ତି । ଚାଷୀଙ୍କ ପାଇଁ ଧାନର ସହାୟକ ମୂଲ୍ୟ ବୃଦ୍ଧି ଦେଢ଼ଗୁଣା କରିବା ପାଇଁ କୁହାଯାଇଥିଲା ବେଳେ ଧାନର ଉତ୍ପାଦନ ମୂଲ୍ୟ ଆକଳନକୁ ନେଇ କେନ୍ଦ୍ର ସରକାରରେ ବିଭ୍ରାନ୍ତି ରହିଛି । ଅପରପକ୍ଷରେ ଜଳ ସେଚନ ପାଇଁ ଗତ ବର୍ଷ ବଜେଟ ତୁଳନାରେ କମ୍ ବ୍ୟାୟ ବରାଦ କରାଯାଇଛି । ସେହିପରି ପେଟ୍ରୋଲ ଡିଜେଲର ଉତ୍ପାଦ ଶୁଳ୍କ ୨ଟଙ୍କା ହ୍ରାସ କଥା ବଜେଟରେ କୁହାଯାଇଥିଲାବେଳେ ପେଟ୍ରୋଲ ଡିଜେଲକୁ ଜିଏସ୍‌ଟି ପରିସରରେ ରଖିବାକୁ ସରକାର ଏଡେଇ ଯାଇଛନ୍ତି । ଜିଏସ୍‌ଟି ପରିସର ଭୁକ୍ତ ହେଲେ ପେଟ୍ରୋଲ ଡିଜେଲ ବହୁତ ଶସ୍ତାରେ ଗ୍ରାହକ ପାଇପାରନ୍ତେ । ଅପରପକ୍ଷରେ ଶିକ୍ଷା ଶେଷ ୪ ପ୍ରତିଶତକୁ ବୃଦ୍ଧି ପାଇଥିବାରୁ ସମସ୍ତ ସେବା ଓ ସାମଗ୍ରୀ ମହଙ୍ଗା ହେବ । ଯାହାକି ସାଧାରଣ ଲୋକଙ୍କୁ ଖୁବ୍ ବାଧିକ । ବିଗତ ଦିନରେ ମୋଦି ସରକାର ବାର୍ଷିକ ୨କୋଟି ବେକାରଙ୍କୁ ନିଯୁକ୍ତି ଦେବା କଥା କହିଥିଲା ବେଳେ ଏବେ ତାହା ୭୦ଲକ୍ଷକୁ ଖସିଛି । ଅପରପକ୍ଷରେ ଏହି ୭୦ଲକ୍ଷ କିପରି କେଉଁ କ୍ଷେତ୍ରରେ ନିଯୁକ୍ତି ପାଇବେ ସେ ବାବଦରେ ସ୍ପଷ୍ଟ କରାଯାଇନାହିଁ । ପୁନଶ୍ଚ ସବୁ କ୍ଷେତ୍ରରେ ଠିକା ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇ ଇଚ୍ଛା ମୁତାବକ ଛଟେଇ ପାଇଁ ବ୍ୟବସ୍ଥା କରାଯାଇଛି । ଛଟେଇ ବେଳେ ଶ୍ରମ ଆଇନ୍ ଅନୁସରଣ କରିବାର ନିୟମକୁ ମଧ୍ୟ ଏଡେଇ ଦିଆଯାଇଛି । ୫୦ କୋଟି ଲୋକଙ୍କୁ ୫ଲକ୍ଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିମା ସହାୟତା କେବଳ ଶ୍ରୁତି ମଧୁର ଶବ୍ଦ । ବାସ୍ତବରେ ସ୍ୱାସ୍ଥ୍ୟ ଓ କୃଷି ବୀମାପାଇଁ କରାଯାଇଥିବା ସରକାରୀ ଯୋଜନା ଯେ କେବଳ, ବୀମା କମ୍ପାନୀମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ ତାହା ତଳ ସ୍ତରରେ ହସ୍ତସନ୍ତ ହେଉଥିବା ହିତାଧିକାରୀଙ୍କ ଅବସ୍ଥାରୁ ଭଲ ଭାବେ ବୁଝାପଡେ । ତେବେ ସଂପ୍ରତି ମୋବାଇଲର ଚାହିଦା ବୃଦ୍ଧି ପାଇବା ସାଂଗକୁ ମୋବାଇଲ ମାଧ୍ୟମରେ ସୋସିଆଲ ମିଡିଆରେ ସରକାର ବିରୋଧୀ ଜନମତ ସୃଷ୍ଟି ହେଉଥିବାରୁ ବୋଧହୁଏ ମୋବାଇଲ ବ୍ୟବହାରେ କିଛିଟା ରୋକ୍ ଲଗାଇବା ପାଇଁ ଦରବୃଦ୍ଧି କରାଯାଇଛି ବୋଲି କଂଗ୍ରେସ ତରଫରୁ ଆଶଙ୍କା କରାଯାଇଛି । ରେଳବାଇ କ୍ଷେତ୍ରରେ ମଧ୍ୟ ଓଡିଶା ସମେତ ରାଉରକେଲାର ଦାବୀକୁ ବଜେଟରେ ଉପେକ୍ଷା କରାଯାଇଛି । ଦକ୍ଷିଣ ପୂର୍ବ ରେଳବାଇର ସିଂହଭାଗ ରାଜସ୍ୱ ରାଉରକେଲା ଅଞ୍ଚଳରୁ ଆଦାୟ ହେଉଥିଲା ବେଳେ ରାଉରକେଲାକୁ ଏକ ରେଳ ଡିଭିଜନ କରିବାକୁ ସରକାର ଉଚିତ ମଣିନାହାଁନ୍ତି । ତେବେ କର୍ପୋରେଟ ଟିକସ ୩୦ ପ୍ରତିଶତରୁ ୨୫ ପ୍ରତିଶତକୁ ହ୍ରାସ କରି କେବଳ କର୍ପୋରେଟ୍ ସେକ୍ଟର ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର କାମ କରୁଥିବା ସ୍ପଷ୍ଟ କରିଦେଇଛନ୍ତି ବୋଲି ଜିଲ୍ଲା କଂଗ୍ରେସ ସଭାପତି ବିରେନ ସେନାପତି ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି ବୋଲି ଏକ ପ୍ରେସ୍ ଇସ୍ତାହାରରେ ମୁଖପାତ୍ର ଚିତ୍ତରଂଜନ ମହାନ୍ତି ଜଣାଇଛନ୍ତି ।

## ନିର୍ମାଣ କାମରେ ନିୟୋଜିତ ନାବାଳିକା ଉଦ୍ଧାର

ମାଲକାନଗିରି, ୩।୨ (ଶ୍ରୁ.ମି) : ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ପଞ୍ଚାୟତର କମଳା ପଦର ଗ୍ରାମର ଜନୈକା ୧୦ ବର୍ଷର ନାବାଳିକା ଗ୍ରାମରେ ଚାଲିଥିବା ଏକ ରାସ୍ତା କାମରେ ଶ୍ରମିକ ଭାବେ ନିୟୋଜିତ ଥିବା ଖବର ପାଇ ଜୁଡୁମୁଲୁଗୁମ୍ପା, ଚାଇଲ୍ଡ ଲାଇନର ଚନ୍ଦ୍ର ଗମାଙ୍ଗ ପ୍ରମିଳା ପ୍ରଧାନ ଓ ରୂପେନ୍ଦ୍ର ପ୍ରମୁଖ ନାବାଳିକାକୁ ଉଦ୍ଧାର କରିଥିଲେ । ଉଦ୍ଧାର ନାବାଳିକାକୁ ଖଇରପୁଟସ୍ଥିତ କସ୍ତୁରୀବା ଗାନ୍ଧୀ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଯୋଜନା ଚାଲିଥିବା ଚାଇଲ୍ଡ ଲାଇନ୍ ପକ୍ଷରୁ ପ୍ରକାଶ କରାଯାଇଛି ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

କେନ୍ଦୁଝର,୩।୨ (ଶ୍ରୁ.ମି) : ଫେବୃଆରୀ ମାସ ପାଇଁ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଛି । ଫେବୃଆରୀ ୦୫ ତାରିଖ(ସୋମବାର)ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କେନ୍ଦୁଝର (ଦରବାରହଲ୍)ଠାରେ, ଫେବୃଆରୀ ୧୨ତାରିଖ (ସୋମବାର)ରେ ହରିଚନ୍ଦନପୁର ବ୍ଲକ୍ କାର୍ଯ୍ୟାଳୟଠାରେ, ଫେବୃଆରୀ ୧୯ତାରିଖ(ସୋମବାର)ରେ ଚମ୍ପୁଆ ବ୍ଲକ୍ କାର୍ଯ୍ୟାଳୟ ଏବଂ ଫେବୃଆରୀ ୨୬ ତାରିଖ (ସୋମବାର)ରେ ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି । ଏହି ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ସଂପର୍କରେ ଜନ ସାଧାରଣଙ୍କ ଅବଗତି ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ଆଶିଷ୍ ଠାକ୍‌ରେ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ, ବିଡିଓ ଏବଂ ତହସିଲ୍‌ଦାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍‌ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣି ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଜଳଛାୟା ପ୍ରକଳ୍ପ, ଜଳସେଚନ, ଉଠାଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଯୋଗାଣ ବିଭାଗ ଏବଂ ସମାଜ ମଙ୍ଗଳ ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଶ୍ରୀ ଠାକ୍‌ରେ ନିର୍ଦ୍ଦେଶ ଦେଇଛନ୍ତି ।

## ତ୍ରୟୋଦଶ ଅନୁଗୋଳ ଜିଲ୍ଲା ପୁସ୍ତକ ମେଳା ଉଦ୍‌ଘାଟିତ




ଅନୁଗୋଳ, ୩।୨ (ଶ୍ରୁ.ମି) : ଅନୁଗୋଳର ସ୍ଥାନୀୟ ଅନୁଗୋଳ ହାଇସ୍କୁଲ ପଡ଼ିଆଠାରେ ଆଜି ସନ୍ଧ୍ୟା ୬ଟା ବେଳେ ତୟୋଦଶ ଅନୁଗୋଳ ଜିଲା ପୁସ୍ତ ମେଳାକୁ ଆନୁଷ୍ଠାନିକ ଭାବେ ଅତିରିକ୍ତ ଜିଲାପାଳ ଶ୍ରୀନିବାସ ବେହେରା ଉଦ୍‌ଘାଟନ କରିଛନ୍ତି । ଅନୁଗୋଳ ଜିଲାର ଅଗ୍ରଣୀ ଅନୁଷ୍ଠାନ ବିକଳ୍ପ ବିକାଶ ଓ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ମୁଖ୍ୟ ଅତିଥି ଡ଼ଃ ନଟବର ଶତପଥି ଯୋଗ ଦେଇଥିଲାବେଳେ ମୁଖ୍ୟ ବକ୍ତା ଭାବେ ଡ଼ଃ ବାବାଜୀ ଚରଣ ପଟ୍ଟନାୟକ, ବିକଳ୍ପ ବିକାଶର ସଂପାଦକ ସନ୍ତୋଷ କୁମାର ଦାଶ, ସହ ସଂପାଦକ ପର୍ଶୁରାମ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରଥମେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ଦୀପଜାଳି ତ୍ରୟୋଦଶ ପୁସ୍ତକ ମେଳାର ଶୁଭକାମନା କରିଥିଲେ । ଡ଼ଃ ଇନ୍ଦିରା ଦାଶ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । କମ୍ପ୍ୟୁଟର ଯୁଗରେ ପୁସ୍ତକର ଚାହିଦା ରଖିଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପୁସ୍ତକ ପଢ଼ିଲେ ସଠିକ ମାର୍ଗଦର୍ଶନ ହୋଇଥାଏ । ପୁସ୍ତକମେଳା ଅଭିମୂଖ୍ୟ ବହି ସହିତ ଯୋଡ଼ି ଦର୍ଶନ ପ୍ରଦାନ କରିଥାଏ । ଏହା କିଭଳି ପୁସ୍ତକ ମେଳାରେ ପରିଣତ ହେଲା ସେ ସଂପର୍କରେ ମୂଖ୍ୟବକ୍ତା ବକ୍ତବ୍ୟ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସହର ଅନେକ ବୁଦ୍ଧିଜୀବୀ, ସାହିତିକ, କବି, ପୁସ୍ତକ ପ୍ରେମୀ ଯୋଗଦାନ କରିଥିଲେ । ଏହି ମେଳା ଆଗାମୀ ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ଅନେକ ପୁସ୍ତକ ପ୍ରତିଷ୍ଠାନ ଅଂଶଗ୍ରହଣ କରିଛନ୍ତି ।

# କୁଷ୍ଠ ମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ : ଜିଲ୍ଲାପାଳ



କେନ୍ଦୁଝର, ୩।୨ (ଶ୍ରୁ.ମି) : କେନ୍ଦୁଝର ଜିଲ୍ଲାରେ ସ୍ୱର୍ଶ କୁଷ୍ଠ ସଚେତନତା ଓ କୁଷ୍ଠ ନିରାକରଣ ପାଇଁ ସମନ୍ୱୟ ବୈଠକ ଜିଲ୍ଲାପାଳଙ୍କ ମିନି କନ୍‌ଫରେନସ୍ ହଲଠାରେ ଜିଲ୍ଲାପାଳ ଆଶିଷ୍ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଗତ ତା ୩୦.୦୧.୨୦୧୮ ରିଖରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କୁଷ୍ଠରୋଗ ମୁକ୍ତ ସମାଜ ଗଠନ ପାଇଁ ଜିଲ୍ଲାପାଳ ଶ୍ରୀ ଠାକ୍‌ରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ଏବଂ ସମସ୍ତେ ମିଳିମିଶି କୁଷ୍ଠରୋଗୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ଆହ୍ୱାନ ଜଣାଇଥିଲେ । ସ୍ୱର୍ଶ କୁଷ୍ଠ ସଚେତନତା ଅଭିଯାନ କିପରି ସୁଚାରୁରୂପେ ସଂପାଦନ ହେବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ପଂଚାୟତ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବିଭିନ୍ନ ବ୍ଲକର ବିଡିଓ, ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ୍‌ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀମାନଙ୍କୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ କମଳିନୀ ପାତ୍ର ଯୋଗଦେଇ କେନ୍ଦୁଝର ଜିଲ୍ଲାରେ କୁଷ୍ଠ ନିରାକରଣ ପାଇଁ ଅଭିଯାନର ସଫଳତା ନିମନ୍ତେ ଆବଶ୍ୟକୀୟ ପରାମର୍ଶ ଦେବା ସହ ଏ ଦିଗରେ ସମସ୍ତଙ୍କର ଆନ୍ତରିକ ଉଦ୍ୟମ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପବିତ୍ର ଗଣତନ୍ତ୍ର ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ଗ୍ରାମସଭା, ପଲ୍ଲୀସଭା ଏବଂ ଉଚ୍ଚ ବିଦ୍ୟାଳୟମାନଙ୍କରେ ପ୍ରାର୍ଥନାସଭାରେ ପାଠ କରାଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାଃ ନିରନ ସ୍ୱାଇଁ ସୂଚନା ଦେଇ ସ୍ୱର୍ଶ କୁଷ୍ଠ ସଚେତନତା ବୈଠକର ଉଦ୍ଦେଶ୍ୟ, ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା କୁଷ୍ଠ ନିରାକରଣ ପରାମର୍ଶଦାତା ଡାଃ ଶୋଭନ କୁମାର ସାହୁ ସ୍ୱର୍ଶ କୁଷ୍ଠ ସଚେତନତା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । ଗତ ୨୬ ଜାନୁଆରୀ ପ୍ରାୟ ୨୧୦୦ ଗ୍ରାମ / ୱାର୍ଡ ସଭା ଏବଂ ୪୫୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାଧ୍ୟମରେ ଆରମ୍ଭ ହୋଇଛି ଏବଂ ଆଗାମୀ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଚାଲିବ ।

### ବାଣ ଦୋକାନରେ ଅଗ୍ନି କାଣ୍ଡ

# ଦୋକାନ ଜଳିଗଲା

ଝୁମ୍ପୁରା,୩।୨ (ଶ୍ରୁ.ମି) : ଝୁମ୍ପୁରା ବଜାରର ମୁଖ୍ୟସ୍ଥଳରେ ରହିଥିବା ଏକ ବେନିମୟ ବାଣ ଦୋକାନ ରହିଥିଲା । ଏହି ଦୋକାନରେ ଆଜି ଅଗ୍ନିକାଣ୍ଡ ଘଟି ବାଣ ଦୋକାନଟି ସଂପୂର୍ଣ୍ଣ ଜଳି ଯାଇଥିବା ବେଳେ ପାଖରେ ରହିଥିବା ୩ଟି ଦୋକାନର ଆଂଶିକ କ୍ଷତି ଘଟିଥିବା ଦେଖିବାକୁ ମିଳିଛି । ବାଣ ଦୋକାନରେ ନିଆଁ ଲାଗିଥିବା ସମ୍ପର୍କରେ ସ୍ଥାନୀୟ ଜନସାଧାଣ ଝୁମ୍ପୁରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବିଭାଗ ସେଠାରେ ପହଞ୍ଚି ନିଆଁକୁ ଆୟତ କରିବା ଫଳରେ ଅଳ୍ପକେ ଅନ୍ୟ ୩ଟି ଦୋକାନରେ ଲାଗିଥିବା ନିଆଁକୁ ଆୟତ କରିବାକୁ ସକ୍ଷମ ହୋଇଥିଲେ । ଝୁମ୍ପୁରା ମଧ୍ୟ ଭାଗରେ ଦୀର୍ଘ ଦିନ ହେଲା ବେଆଇନ ଭାବେ ଏକ ବାଣ ଦୋକାନ ରହିଥିଲା । ଏହି ଦୋକାନରେ ବାଣ ସହିତ ଗ୍ୟାସ ରହି ବିକ୍ରୟ ହୋଇ ଆସୁଥିଲା, ଆଜି ପୂର୍ବାହ୍ନରେ କୌଣସି କାରଣରୁ ନିଆଁ ଲାଗି ଯାଇ ଦୋକାନଟି ସଂପୂର୍ଣ୍ଣ ଭାବରେ ଜଳି ଯାଇଛି । ଦୋକାନରେ ନିଆଁ କିପରି ଲାଗିଲା ତାର କାରଣ ମିଳିପାରି ନାହିଁ । ବଜାର ମଧ୍ୟ ଭାବରେ ବେଆଇନ ବାଣ ଦୋକାନ ସହିତ ଜନଗହଳି ବଜାର ମଧ୍ୟ ଭାଗରେ କିପରି ଗ୍ୟାସ ବିକ୍ରୟ ହୋଇ ଆସୁଥିଲେ ମଧ୍ୟ ବିଭାଗ ଏହି ଦୋକାନ ପ୍ରତି କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିଲା ବୋଲି ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି । ଏ ସମ୍ପର୍କରେ ବଜାର ବାସୀ ଝୁମ୍ପୁରା ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକ, ଯୋଗାଣ ଅଧିକାରୀ ସରିତା ମିର୍ଦ୍ଧା, ତହସିଲଦାର ଜନକ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବେଆଇନ ବାଣ ଦୋକାନ କରିଥିବା ବ୍ୟବସାୟୀ ଅମୋଦ ସାହୁଙ୍କୁ ଥାନାରେ ଅଟକ ରଖିଛନ୍ତି ଥାନା ଅଧିକାରିଣୀ ।

## ମିଳିମିଳା, ରୁବେଲା ସଚେତନା ରାଲି

ଝୁମ୍ପୁରା,୩।୨ (ଶ୍ରୁ.ମି) : ଝୁମ୍ପୁରା ବ୍ଲକର ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ମିଳିମିଳା, ରୁବେଲା ସଚେତନା ରାଲି ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାକାର ବେହେରାଙ୍କ ପ୍ରତ୍ୟକ୍ଷ ତ୍ତ୍ୱା ବଧାନରେ ଅନୁଷ୍ଠିତ ଏହି ରାଲିରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ହାତରେ ପ୍ଲା କାର୍ଡ ଧରି ସରକାର ନିର୍ମଳ ଭାରତ ଗଠନ କରିବା ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ଗ୍ରାମବାସୀଙ୍କ ଅବଗତ କରିଥିଲେ । ୯ ମାସରୁ ଊର୍ଦ୍ଧ୍ୱ ପିଲାଙ୍କ ଠାରୁ ୧୫ ବର୍ଷର ସବୁ ପିଲା ଏହି ଟିକା ଯେପରି ପାଇ ପାରିବେ ସେ ସମ୍ପର୍କରେ ଗ୍ରାମବାସୀମାନଙ୍କୁ ଅବଗତ କରିଥିଲେ । ବିଦ୍ୟାଳୟ ଛାତ୍ର ଛାତ୍ରୀମାନଙ୍କ ଏହି ସଚେତନା ର୍ୟାଲିକୁ ବିଭିନ୍ନ ମହଲରେ ସ୍ୱାଗତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ/ସଦସ୍ୟା, ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ ବୃନ୍ଦ ।

## ବାଲ୍ୟ ବିବାହ ରୋକିଲା ଚାଇଲ୍ଡ ଲାଇନ୍

ମାଲକାନଗିରି, ୩।୨ (ଶ୍ରୁ.ମି) : ଆଦିବାସୀ ପରମ୍ପରା ଅନୁଯାୟୀ ଜନତା ନାବାଳିକା ବିବାହ ପୂର୍ବରୁ ନିଜ ଭାବି ସ୍ୱାମୀ ଘରେ ଆସି ରହିଥିବା ଖବର ପାଇଁ ଜୁଡୁମୁଲୁଗୁମ୍ପାସ୍ଥିତ ଚାଇଲ୍ଡ ଲାଇନର ସଦସ୍ୟମାନେ ବାଲ୍ୟ ବିବାହକୁ ରୋକିବା ସହ ସଂପୃକ୍ତ ନାବାଳିକାକୁ ଉଦ୍ଧାର କରି ମାଲକାନଗିରି ସ୍ଥିତ ସୁଧାର ଗୃହରେ ରଖିଥିବା ଜଣାପଡିଛି । ସୂଚନାରୁ ଜଣାପଡିଛି ମାଥିଲି ବ୍ଲକ୍ ଟାଉନପାଲ୍ଲୀ ପଞ୍ଚାୟତ ସାନଗୁମ୍ପା ଗ୍ରାମର ଜୈନେକ ୧୪ ବର୍ଷର ନାବାଳିକା ଝିଅର ବିବାହ ଖଇରପୁଟ ବ୍ଲକ ରାସବେଡା ଗ୍ରାମପଞ୍ଚାୟତ ପଢିଗୁଡା ଗ୍ରାମର ଚନ୍ଦ୍ର ମୁଦୁଲିଙ୍କ ସହ ହେବାକୁ ଯାଉଥିବାବେଳେ ଏଥି ପୂର୍ବରୁ ନାବାଳିକା ଆସି ଚନ୍ଦ୍ର ମୁଦୁଲିଙ୍କ ଘରେ ଥିବା ଜଣାପଡିବା ପରେ ଚାଇଲ୍ଡ ଲାଇନର ଚନ୍ଦ୍ର ଗମାଙ୍ଗ ପ୍ରମିଳା ପ୍ରଧାନ ଓ ରୂପେନ୍ଦ୍ର ପ୍ରମୁଖ ଉକ୍ତ ଗ୍ରାମକୁ ଯାଇ ନାବାଳିକାକୁ ଉଦ୍ଧାର କରିଥିଲେ । ଉଦ୍ଧାର ନାବାଳିକାକୁ ମାଲକାନଗିରି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟକୁ ନିଆଯାଇ କାଉନସିଲିଙ୍ଗ କରାଯାଉଥିଲା । ନାବାଳିକା ଜଣଙ୍କ ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିବାରୁ ସେ ଆଗକୁ ଯଦି ପଢିବାକୁ ଚାହିଁବ ତାହାର ବ୍ୟବସ୍ଥା କରାଯିବ ବୋଲି ଡିସିପିଓ ନାରାୟଣ ଦାସ ପ୍ରକାଶ କରିଛନ୍ତି ।

## ସିପିଆଇର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ

ଚମ୍ପୁଆ, ୩।୨ (ଶ୍ରୁ.ମି) : ୨ ଦିନ ଧରି ସି.ପି.ଆଇର ଜିଲା ସମ୍ମୀଳନୀ ଚମ୍ପୁଆ ନଗର ଭବନଠାରେ ଅନୁଷ୍ଠିତ ହେଉଅଛି । ଆଜି ଦିନ ୧୧ଘଟିକା




ସମୟରେ ଏକ ବିରାଟ ପଟୁଆଳ ନେହେରୁ ଷ୍ଟାଡିୟମ ନିକଟରୁ ବାହାରି ଚମ୍ପୁଆ ନଗର ପରିକ୍ରମା କରିଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସି କର୍ମୀ ଏହି ସମାବେଶରେ ସାମିଲ ହୋଇଥିଲେ । ପ୍ରାୟ ୧୨ ଘଟିକା ସମୟରେ ନଗର ଭବନଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହାପରେ ନଗର ଭବନଠାରେ ଏକ ସାଧାରଣ ସଭାରେ ଅର୍ଜୁନ ମହାନ୍ତ ସଭାପତିତ୍ୱ କରିଥିଲେ । ସି.ପି.ଆଇ ସାଧାରଣ ସଂମ୍ପାଦକ ଓଡିଶା ଶ୍ରୀ ଦିବାକର ନାଏକ, ସମ୍ପାଦକ ସଦସ୍ୟ ରାମକୃଷ୍ଣ ପଣ୍ଡା, ଜିଲ୍ଲା ସମ୍ପାଦକ ବିଦ୍ୟାଧର ମହାନ୍ତି, ରାଜ୍ୟ କାରଣୀ ସଦସ୍ୟ ମହେଶ୍ୱର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ । ସଭାକୁ ଜିଲା ସହ-ସଂମ୍ପାଦକ କପିଲ ମହାନ୍ତି, ମହେଶ୍ୱର ନାଏକ, ଶ୍ରହରୀ ଘଣା, କାହ୍ନୁ ସାମଲ, ହୃଦା ପାତ୍ର, ବଦ୍ରୁ ଜାମା, ଲାବାରାମ ମୁଣ୍ଡା, ବାଗ୍ରା ଚାତାର, ରେଘା ମାଝି, ଭୀମ ଲୋହାର, ବିହିତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ବିରୋଧରେ ସ୍ଲଗାନ ମାନ ପ୍ରଦାନ କରିଥିଲେ ।

## ବଜେଟ ସଂପର୍କିତ ଆଲୋଚନାଚକ୍ର

ବଲାଙ୍ଗିର, ୩।୨ (ଶ୍ରୁ.ମି) : ସାପ୍ତାହିକ 'ପ୍ରେରଣା' ତରଫରୁ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ "ଆପଣଙ୍କ ଦୃଷ୍ଟିରେ ବଜେଟ ୨୦୧୮-୧୯" ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଆଲୋଚକ ଭାବରେ କଂଗ୍ରେସ ର ଯୁବନେତା ସମରେନ୍ଦ୍ର ମିଶ୍ର ଯୋଗଦେଇ ଚଳିତ ୨୦୧୮-୧୯ ବଜେଟରେ ପଛୁଆ ଅଞ୍ଚଳରେ ବିକାଶ ପାଇଁ ସେମିତି କିଛି ପ୍ରାବଧାନ କରାଯାଇନାହିଁ ବୋଲି କହିଥିଲେ । ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଲୋକଦେଖାଣିଆ ଭାବରେ ବଜେଟ ଉପସ୍ଥାପନ କରାଯାଇଛି ଏବଂ ଋଷୀର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟକୁ ଦେଢଗୁଣା କରିବାର ଘୋଷଣା ଏକ ମରୀଚିକା ବୋଲି ଶ୍ରୀ ମିଶ୍ର କହିଥିଲେ । ଅନ୍ୟତମ ବକ୍ତା ଭାବରେ ଜିଲ୍ଲା ବଣିକ ସଂଘର ସଭାପତି ତ୍ରିପୁରାରୀ ପାଣିଗ୍ରାହୀ ଏବଂ ଋଟେଡ୍ ଏକାଉଣ୍ଟେଣ୍ଟ ଦୀପକ ଛପାଡିଆ ଯୋଗଦେଇ ଚଳିତ ବଜେଟ୍‌କୁ ଶିଳ୍ପପତି ଏବଂ ଧନୀକ ଗୋଷ୍ଠୀଙ୍କ ବଜେଟ ବୋଲି କହିଥିଲେ । ପ୍ରେରଣା ର ସଂପାଦକ ରଘୁ ନନ୍ଦନ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶିକ୍ଷକ ରାମ ନାରାୟଣ ଦାଶ, ଜଗନ୍ନାଥ ମହାରଣା, ସରସ୍ୱତୀ ନନ୍ଦ, ବ୍ୟବସାୟୀ ସନ୍ତୋଷ କୁମାର ମୋଦି, ଅଧାପକ ନାରାୟଣ ମିଶ୍ର ପ୍ରମୁଖ ବଜେଟ ସଂପର୍କିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ମଡର୍ଣ୍ଣ ପବ୍ଲିକ ସ୍କୁଲର ୨୩ତମ ପୁରସ୍କାର ବିତରଣୀ ଓ ବାର୍ଷିକ ଉତ୍ସବ

# ନିଷ୍ଠାପର ଅଧ୍ୟବସାୟ ସଫଳତା ଆଣି ଦେଇଥାଏ

କେନ୍ଦ୍ରାପଡା, ୩।୨ ( ଶ୍ରୁ.ମି ) : ନିଷ୍ଠା ଓ ଏକାଗ୍ରତା ମଣିଷକୁ ଶିଖରରେ ପହଂଚାଇଥାଏ । ଯିଏ ଯେଉଁ ବିଭାଗରେ ଥାନ୍ତୁନା କାହିଁକି ସମସ୍ତ କାମରେ ନିଷ୍ଠା ଓ ଏକାଗ୍ରତା ରହିବା ଆବଶ୍ୟକ । ନିଷ୍ଠାପର ଅଧ୍ୟବସାୟ ଛାତ୍ର ଛାତ୍ରୀଙ୍କୁ ସଫଳତା ଆଣି ଦେଇଥାଏ ବୋଲି ଗତକାଲି ଗୁଆଲସିଂ ପଂଚାୟତ ଠାକୁରହାଟ ମଡର୍ଣ୍ଣ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବରେ ଯୋଗଦେଇ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଡେରାବିଶ ବ୍ଲକ ଶିକ୍ଷା ସର୍କଲ ଅନ୍ତର୍ଗତ ଠାକୁରହାଟ ସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲର ୨୩ ତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ସଂପାଦକ ନାରାୟଣ ପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପାଟକୁରା ବିଧାୟକ ଶ୍ରୀ ଅଗ୍ରୱାଲ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଇଶ୍ୱରଚନ୍ଦ୍ର ପୃଷ୍ଟି, କୁଶିଆପାଳ ସରପଂଚ ପ୍ରଭାତୀ ସାହୁ, ଗୁଆଲସିଂ ସରପଂଚ ବଚ୍ଚକୃଷ୍ଣ ସେଠି ଓ ସମିତିସଭ୍ୟ ନିରୁପମା ବେହେରା ଓ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଦେବକୀନନ୍ଦନ ମିଶ୍ର ଯୋଗଦେଇ ମଣିଷ ପଣିଆ ଭାବନା ମଧ୍ୟରେ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଶିକ୍ଷାପ୍ରତି ଆଗ୍ରହ ପ୍ରକାଶ କରି ନିଜକୁ ଜଣେ ଭଲ ମଣିଷ ଭାବେ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟରେ ବିଭିନ୍ନ ସମୟରେ ହୋଇଥିବା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶିକ୍ଷକ ହୃଷିକେଶ ସାହୁ ଅତିଥି ପରିଚୟ ପ୍ରଦାନ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦା ଦାଶ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷାବିତ ଗୌରାଙ୍ଗ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବ ପରିଚାଳନାରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ । ପରେପରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଶତାଧିକ ଅଭିଭାବକ ଓ ଜନସାଧରଣଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା ।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଉନ୍ନୟନ ପ୍ରଦର୍ଶନୀ

ସୋନପୁର, ୩/୨(ଶ୍ରୁ.ମି.) : ପବିତ୍ର ମାଘମେଳା ଉପଲକ୍ଷେ ଖଳିଆପାଲୀଠାରେ ଅନୁଷ୍ଠିତ ଯାତ୍ରାର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଏକ ଗ୍ରାମ୍ୟ ଉନ୍ନୟନ ପ୍ରଦର୍ଶନୀରେ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଏବଂ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କିତ ଫଟୋଚିତ୍ର ସ୍ଥାନ ପାଇଥିଲା । ଏହି ଗ୍ରୁପ ସୂଚନା କେନ୍ଦ୍ର ମାଧ୍ୟମରେ ସମବେତ ଜନତାଙ୍କୁ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା, ଜିଲ୍ଲାରେ ଚାଲୁ ରହିଥିବା ମିଳିମିଳା ଓ ଜର୍ମାନ୍ ରୁବେଲାର ଟୀକାକରଣ, ହେଲମେଟ ବ୍ୟବହାର ଇତ୍ୟାଦି ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭୂଜଙ୍ଗ ଭୂଷଣ ରାଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଉନ୍ନୟନ ପ୍ରଦର୍ଶନୀ ଆୟୋଜନରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# କେନ୍ଦ୍ରାପଡା ଜିଲ୍ଲାର ବିକାଶଧାରାକୁ ଆଗେଇ ନିଆଯିବ : ବୈଜୟନ୍ତ



ପଟ୍ଟାମୁଣ୍ଡାଇ, ୩।୨(ଶ୍ରୁ.ମି.) : କେନ୍ଦ୍ରାପଡା ଜିଲ୍ଲାର ବିକାଶଧାରାକୁ ଆଗେଇ ନିଆଯିବ ବୋଲି ଆଜି କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ପଞ୍ଚାୟତର ଅଣ୍ଡରା ହାଟ ଠାରେ ୨୮ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନବନିର୍ମିତ ପାଣିଟାଙ୍କିକୁ ଉଦ୍‌ଘାଟନ କରି ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ପ୍ରକାଶ କରିଛନ୍ତି । ବର୍ଷିୟାନନେତା ବସନ୍ତ କୁମାର ମଲ୍ଲିକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ସାଂସଦ ଶ୍ରୀପଣ୍ଡା କହିଲେ ଶିଳ୍ପବିହୀନ କେନ୍ଦ୍ରାପଡା ଜିଲ୍ଲାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଭିତିଭୂମିର ବିକାଶ ଜରୁରୀ ଥିବାରୁ କେନ୍ଦ୍ରାପଡାକୁ ରେଳପଥ ସଂଯୋଗ ଏକାନ୍ତ ଆବଶ୍ୟକ । ଏଥି ପାଇଁ ସାଂସଦ ଭାବେ ସେ କେନ୍ଦ୍ର ସରକାରଙ୍କ ଠାରେ ଦୃଢ ଦାବି ଉପସ୍ଥାପନ କରିବା ଫଳରେ ହରିଦାସପୁର-ପାରାଦୀପ ରେଳପଥ ସଂଯୋଗ ସଂପୂର୍ଣ୍ଣ ହେବାକୁ ଯାଉଛି । କେନ୍ଦ୍ରାପଡା ଜିଲ୍ଲାରେ ରେଳ ଚଳାଚଳ ବ୍ୟବସ୍ଥା କରାଗଲେ ଶିଳ୍ପାୟନ ସହ ଆର୍ଥିକ ବିକାଶ ଓ ବେକାରୀ ସମସ୍ୟା ଦୂରରେ ସହାୟକ ହୋଇପାରିବ । ସାଂସଦ ପାଣ୍ଠିରୁ କେନ୍ଦ୍ରାପଡା ଲୋକସଭା ନିର୍ବାଚନମଣ୍ଡଳୀରେ ସାଧାରଣ ଲୋକଙ୍କ ପାନୀୟଜଳ ସମସ୍ୟା ଦୂର ପାଇଁ ୫୩ଟି ପାଣିଟାଙ୍କି ନିର୍ମାଣ ଚାଲିଛି । ଏଥି ମଧ୍ୟରୁ ଅଣ୍ଡରା ପାଣିଟାଙ୍କିକୁ ଆଜି ଲୋକାର୍ପଣ କରାଯାଇଛି । କେନ୍ଦ୍ରାପଡାବାସୀଙ୍କ ସ୍ନେହ ଶ୍ରଦ୍ଧାକୁ ଭୁଲି ପାରିବି ନାହିଁ ଓ କେନ୍ଦ୍ରାପଡାବାସୀଙ୍କୁ ନେଇ ଭବିଷ୍ୟତରେ ମୋର ସଂଗ୍ରାମରେ ଜାରି ରହିବ ବୋଲି ଘୋଷଣା କରିଥିଲେ । ଏହି ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶୀଷ ମହାନ୍ତି, ରାଜ୍ୟ ସଂଖ୍ୟାଲଘୁ ସଂଗଠକ ସଲିମ ଖାଁ, ନାରୀନେତ୍ରୀ କଳ୍ପନା ମଲିକ, ସମାଜସେବୀ ଡା. ଗଦାଧର ମଲ୍ଲିକ, ଜିଲ୍ଲାପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ଅଣ୍ଡରା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଉପେନ୍ଦ୍ର ମଲ୍ଲିକ, ସମିତିସଭ୍ୟା ବାସନ୍ତୀ ମଲ୍ଲିକ, ପ୍ରମୁଖ ଭାଷଣ ଦେଇ କେନ୍ଦ୍ରାପଡାର ବିକାଶ ପାଇଁ ଲଢେଇ କରୁଥିବା ସାଂସଦ ଶ୍ରୀପଣ୍ଡାଙ୍କ ଅଭିଯାନରେ ସାମିଲ ହେବାକୁ ଘୋଷଣା କରିବା ସହିତ ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ । ସମାଜସେବୀ ଡା. ଗଦାଧର ମଲ୍ଲିକ ଅଣ୍ଡରା ପାଟର ଚାଷୀମାନଙ୍କ ଗମନାଗମନ ପାଇଁ ଗୁଡିଆ ଜୋର ପୋଲ ନିର୍ମାଣ, ଉଷାଦେବୀ ମହିଳା କଲେଜ ଗୃହ ନିର୍ମାଣ ପାଇଁ ସହାୟତା, ଅଣ୍ଡରା ସରସ୍ୱତୀ ପଡିଆରେ କଲ୍ୟାଣ ମଣ୍ଡପ, ଅଣ୍ଡରା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ, ସୁବଳପୁର ଠାରେ ବ୍ରାହ୍ମଣୀ ବ୍ୟାରେଜ ନିର୍ମାଣ ଓ ବ୍ରାହ୍ମଣୀ ବ୍ଲକ ଗଠନ ଆଦି ବିଭିନ୍ନ ଦାବି ସମ୍ୱଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏହି ସଭାରେ ପ୍ରଧାପକ ନିର୍ମଳ ବିଶ୍ୱାଳ, ନରହରି ପାଣି, ବସନ୍ତ ସ୍ୱାଇଁ, ଉମେଶ ମହାନ୍ତି, ରାଧାମୋହନ ଦାଶ, ସୁଶାନ୍ତ ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଲୋକପ୍ରତିନିଧି ଯୋଗ ଦେଇଥିଲେ । ଏହି ସଭାରେ କଂଗ୍ରେସ ଓ ବିଜେପିନେତାମାନେ ସାଂସଦଙ୍କୁ ସମ୍ବର୍ଦ୍ଧିତ କରିବା ଦେଖିବାକୁ ମିଳିଥିଲା । ସାଂସଦ ଶ୍ରୀପଣ୍ଡା ହେଲିକପ୍ଟର ଯୋଗେ ଆସି ଅଣ୍ଡରା ପଡିଆ ଠାରେ ଅବତରଣ କରିବା ପରେ ଶହ ଶହ ଲୋକ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ସଭାସ୍ଥଳକୁ ପାଛୋଟି ନେଇଥିଲେ ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତପାଇଁ ପ୍ରସ୍ତୁତି

**ଢେଙ୍କାନାଳ, ୩।୨(ଶ୍ରୁ.ମି.) :** ଗତବର୍ଷ ଫେବୃୟାରୀ ମାସରେ ହୋଇଥିବା ପଂଚାୟତ ନିର୍ବାଚନରେ ଶାସକ ଦଳର ସମର୍ଥକଙ୍କ ବନ୍ଧୁକ ଗୁଳିରେ ବିଜେପି ସମର୍ଥକ ସଲ୍‌ମନ ରାଉତଙ୍କ ମୃତ୍ୟୁ ଘଟିଥିଲା । ସଲ୍‌ମନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ କେନ୍ଦ୍ରମନ୍ତ୍ରୀ ତରଭା ଗ୍ରାମକୁ ଗସ୍ତ କରୁଥିବାର ଜଣାଯାଇଛି । ମନ୍ତ୍ରୀ ଶ୍ରୀ ପ୍ରଧାନ ତରଭା ଗ୍ରାମକୁ ଯାଇ ସେଠାରେ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ପରେ ସେଠାରୁ ଧଳପୁର ଗ୍ରାମରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଓଏନ୍‌ଜିସି ପକ୍ଷରୁ ନିର୍ମାଣ କରାଯାଇଥିବା ଶ୍ରେଣୀଗୃହକୁ ଉଦ୍‌ଘାଟନ କରିବେ । ଏହି ଦୁଇସ୍ଥାନକୁ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପାଇଁ ଢେଙ୍କାନାଳ ଜିଲ୍ଲା ଭାଜପା ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଗୁଡ଼ିଆକାଟେଣୀସ୍ଥିତ ଦଶଦେବୀ ପୀଠ ଠାରେ ପ୍ରାକ୍ତନ ରାଜ୍ୟସଭା ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରା, ମଣ୍ଡଳ ସଭାପତି ଭକ୍ତବନ୍ଧୁ ବେହେରା, ମନୋଜ ମହାରଣା, ପ୍ରଶାନ୍ତ ପ୍ରଧାନ, ଜିଲ୍ଲା ସଂପାଦକ ସହଦେବ ବେହେରା, ଓଡ଼ାପଡ଼ା ବ୍ଲକ ୧ନଂ. ଜୋନ୍ ଜିଲ୍ଲାପରିଷଦ ସଦସ୍ୟା ନମିତା ବେହେରା ପ୍ରମୁଖଙ୍କ ସମେତ ସମସ୍ତ ପଂଚାୟତର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଗତକାଲି ଅପରାହ୍ନରେ ପ୍ରାକ୍ତସଂଗଠନ ମନ୍ତ୍ରୀ ସାରଦା ପ୍ରସାଦ ଶତପଥି, ପ୍ରାକ୍ତନ ସାଂସଦ ଶ୍ରୀ ପାଣି, ପୂର୍ବତନ ବିଧାୟକ ତଥା ରାଜ୍ୟ ଓବିସିମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ନଗରପାଳ ସୁଧାଂଶୁ ଶେଖର ଦଳେଇ, ନରେଶ ଚନ୍ଦ୍ର ମହାପାତ୍ର, ସୁନିଲ କୁମାର ଶର୍ମା, ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ଉପସଭାପତି ନବକିଶୋର ଗୁରୁ, ନଗରମଣ୍ଡଳ ସଭାପତି ନିରୋଜ କୁମାର ସାହୁ, ସାଧାରଣ ସଂପାଦକ ଧୃବଚରଣ ସ୍ୱାଇଁ, ସଦର ବିସ୍ତାରକ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିବାର ଜିଲ୍ଲା ଉପସଭାପତି ତଥା ମିଡ଼ିଆ ସେଲ୍ ସହପ୍ରଭାରୀ ରମେଶ ଚନ୍ଦ୍ର ସାମଲ ଜଣାଇଛନ୍ତି ।

## ବାଛରାରେ ଅଗ୍ନିକାଣ୍ଡ

ପଟ୍ଟାମୁଣ୍ଡାଇ, ୩।୨(ଶ୍ରୁ.ମି.) : ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ପଞ୍ଚାୟତ ବାଛରା ଗ୍ରାମର ଶମ୍ଭୁନାଥ ପ୍ରଧାନ ଓ ବଂଶୀଧର ପ୍ରଧାନ ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୨ବଖରା ଛାଳଛପର ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ପ୍ରାୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଅଟ୍ଟକଳରୁ ଜଣାପଡିଛି । ନିଆଁ ଲିଭାଇବା ବେଳେ ସରପଞ୍ଚ ସମୀର ପ୍ରଧାନ ସାମାନ୍ୟ ଆହତ ହୋଇଛନ୍ତି । ପଟ୍ଟାମୁଣ୍ଡାଇରୁ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲା ।

## ଅଙ୍ଗନବାଡି କର୍ମୀଙ୍କ ମୋଦି ଓ ଜେଟଲୀଙ୍କ କୁଶପୁତ୍ତଳିକା ଦାହ

ପଟ୍ଟାମୁଣ୍ଡାଇ, ୩।୨(ଶ୍ରୁ.ମି.) : ସଂପ୍ରତି କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ କେନ୍ଦ୍ରୀୟ ବଜେଟରେ ଅଙ୍ଗନବାଡି କର୍ମୀମାନଙ୍କ ଦରମା ବୃଦ୍ଧି ଦିଗରେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଅଙ୍ଗନବାଡିକର୍ମୀ ଓ ସହାୟକମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ମାତ୍ର ୩ ହଜାର ଟଙ୍କା ଦରମାରେ ଅଙ୍ଗନବାଡିକର୍ମୀମାନେ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ ହେଉଥିବାବେଳେ ସେମାନଙ୍କ ଦରମା ବୃଦ୍ଧି ଦିଗରେ କେନ୍ଦ୍ର ସରକାର ପଦକ୍ଷେପ ନନେବା ଅଙ୍ଗନବାଡିକର୍ମୀମାନଙ୍କ ପ୍ରତି ଚରମ ଉପହାସ ବୋଲି ସଂଘ ପକ୍ଷରୁ ପ୍ରକାଶ କରାଯାଇଛି । ମହିଳାମାନଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅର୍ଥମନ୍ତ୍ରୀ ଅରୁଣ ଜେଟଲିଙ୍କ ଆହ୍ୱାନ ଏକ ଫମ୍ପା ଆୱାଜ ବୋଲି ସଂଘ ମତପ୍ରକାଶ କରିବା ସହିତ ଶ୍ରମିକ ବିରୋଧି କେନ୍ଦ୍ର ବଜେଟ ଆଗତ କରିଥିବା ପ୍ରଧାନମନ୍ତ୍ରୀ ଶ୍ରୀମୋଦି ଓ ଅର୍ଥମନ୍ତ୍ରୀ ଶ୍ରୀଜେଟଲିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଏଥିରେ ଜିଲ୍ଲା ଅଙ୍ଗନବାଡି ସଂଘ ସଂପାଦିକା ପୁଷ୍ପଲତା ରଥ, ପଟ୍ଟାମୁଣ୍ଡାଇ ଅଙ୍ଗନବାଡି ସଂଘର ମମତା ମହାନ୍ତି, ଅରୁନ୍ଧତୀ ଲେଙ୍କା, ସଂଯୁକ୍ତା ଲେଙ୍କା, ତିଳୋତ୍ତମା ଓଝା, ରତ୍ନରେଖା ରାଉତ, ନଳିନୀ ତ୍ରିପାଠୀ ପ୍ରମୁଖ ବହୁ ଅଙ୍ଗନବାଡିକର୍ମୀ ସାମିଲ ହୋଇଥିଲେ ।

# ସର୍ଟ୍ ସରକିଟ୍‌ରୁ ଅଗ୍ନିକାଣ୍ଡ

## ୧୧ଟି ବନଜାରା ପରିବାର କ୍ଷତିଗ୍ରସ୍ତ



ଚଣ୍ଡିଖୋଲ ,୩/୨(ଶ୍ରୁମି) ଚଣ୍ଡିଖୋଲ ନୂଆବଜାର ସ୍ଥିତ ମେଳଣ ପଡ଼ିଆ ନିକଟରେ ରହୁଥିବା ବନଜାରାଙ୍କ ବସ୍ତିରେ ନିଆଁ ଲାଗିବା ଫଳରେ ୧୧ଟି ପରିବାର ବିପନ୍ନ ହୋଇଛନ୍ତି । ସେମାନେ ତାରପୋଲିନ୍ ଢାଙ୍କି ଘର ତିଆରି କରି ରହୁଥିଲେ । ସେଠାରେ ଥିବା ଏକ ବିଜୁଳି ଖୁଣ୍ଟ ଉପରୁ ନିଆଁ ପଡ଼ି ଏହି ଅଗ୍ନକାଣ୍ଡ ଘଟିଥିବା ଜଣାଯାଇଛି । ସମ୍ପୃକ୍ତ ପରିବାର ଗୁଡ଼ିକ ରାଜସ୍ଥାନ ଅଞ୍ଚଳରୁ ଆସି ଏଠାରେ ବସତି ସ୍ଥାପନ କରି ରହିବା ସଙ୍ଗେ ସଙ୍ଗେ ପ୍ଲାଷ୍ଟିକ୍ ଓ ଜରି ଫୁଲ ପ୍ରସ୍ତୁତ କରି ବେପାର କରି ଚଳୁଥିଲେ । ସେମାନଙ୍କ ଦୟନୀୟ ଅବସ୍ଥାକୁ ଦେଖି ଆଜି ମଧ୍ୟାହ୍ନରେ ବିଜୁ ଜନତା ଦଳର ସଭାପତି ଅରବିନ୍ଦ ସାମଲ ଶତାଧିକ ବିପନ୍ନ ଲୋକମାନଙ୍କୁ ଆହର କେନ୍ଦ୍ରରେ ମଧ୍ୟାହ୍ନ ଭୋଜନ ଦେଇଥିଲେ ଓ ଅପରହ୍ନାରେ ଦର୍ପଣ ତହସିଲଦାର ଅଶୋକ ଦାସ ପରିବାରଙ୍କୁ ଖଣ୍ଡେ ଖଣ୍ଡେ ତାରପୋଲିନ୍ ଦେଇଛନ୍ତି । ସରପଞ୍ଚ ଝଚାଲିନ୍ ସ୍ୱାଇଁ ପ୍ରତ୍ୟେକ ପରିବାରଙ୍କୁ କିଛି ଖାଦ୍ୟ ଦ୍ରବ୍ୟ ସହିତ ଗୋଟିଏ ଲେଖାଏ କମଳ ଦେବାର ବ୍ୟବସ୍ଥା କରିଥିଲେ । ଅସ୍ଥାୟୀ ବ୍ୟବସାୟୀ ସଂଘର ସମ୍ପାଦକ ସଂଜୟ ସ୍ୱାଇଁ, ପଞ୍ଚାୟତର ନାଏବ ସରପଞ୍ଚ ମସିର ଆଲାମ, ବିଜେଡ଼ି ନେତା ଗଣେଶ୍ୱର ବରାଳ ପ୍ରମୁଖ ବିପନ୍ନଙ୍କ ନିକଟକୁ ଯାଇ ସେମାନଙ୍କ ଥଇଥାନ ବ୍ୟବସ୍ଥା ଗ୍ରହଣ କରିବାକୁ ପଦକ୍ଷେପ ନେଉଛନ୍ତି ।

# ଖୋର୍ଦ୍ଧା ଓକିଲ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ



ଖୋର୍ଦ୍ଧା-୦୩.୦୨- ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ଜିଲ୍ଲା ଓକିଲ ସଂଘ ତରଫରୁ ୨୬ତମ ବାର୍ଷିକ ଉତ୍ସବ ଓ ସେମିନାର ଆଜି ଅପରାହ୍ନ ୩ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟର ବିଚାରପତି କୁମାରୀ ସଂଯୁ ପଣ୍ଡ, ସମ୍ମାନୀତ ଅତିଥିଭାବେ ଓଡିଶା ହାଇକୋର୍ଟର ବିଚାରପତି ଡ. ଡି.ପି. ଚୌଧୁରୀ ଓ ଅନ୍ୟତମ ସମ୍ମାନୀତ ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା ଜଜ୍ ରାଧାକୃଷ୍ଣ ପଟ୍ଟନାୟକ ଯୋଗଦେଇଥିଲେ, ପ୍ରଥମେ ଏହି ବାର୍ଷିକ ଉତ୍ସବରେ ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲା ଜଜ୍ ଲଳିତ କୁମାର ଦାସ ଅତିଥି ପରିଚୟ ସହିତ ଉତ୍ସବ ବିଷୟରେ ସଂକ୍ଷିପ୍ତ ଭାଷଣ ଦେଇଥିଲେ । ଆଜିର ଏହି ସମାରୋହରେ ଖୋର୍ଦ୍ଧା ଓକିଲ ସଂଘର ସଭାପତି ଶିଶିର କୁମାର ପରିଡା ସଭାପତିତ୍ୱ କରୁଥିବା ବେଳେ ସଂଘର ସମ୍ପାଦକ ମାନସରନ ପଟ୍ଟନାୟକ ବାର୍ଷିକ ବିବରଣି ପାଠ କରିଥିଲେ । ଆଜିର ଏହି ବନ୍ୟାଡ ଉତ୍ସବରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ଆଇନଜୀବିଙ୍କ ଉଦ୍ଦେଶ୍ୟରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଖୋର୍ଦ୍ଧା ଓକିଲ ସଂଘର ୬ଜଣ ବରିଷ୍ଠ ଆଇନଜୀବୀ ଯଥା ଗୌରିଶଙ୍କର ପଟ୍ଟନାୟକ, ଦେବେନ୍ଦ୍ର କର, ବୁଦ୍ଧଦେବ ମହାପାତ୍ର, ରବି ନାରାୟଣ ବର୍ମା, ଶିବସୁନ୍ଦର ପଟ୍ଟନାୟକଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇ ଉପ-ଢୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଖୋର୍ଦ୍ଧା ଜ୍ୟୁଡିସିଆଲ କୋର୍ଟର ଅବସରପ୍ରାପ୍ତ ୪ର୍ଥ ଶ୍ରେଣୀ କର୍ମଚାରୀ ହରିହର ବାରିକ ଖୋର୍ଦ୍ଧା ମ୍ୟୁନସିପାଲିଟିର ମହିଳା ସଫେଇ କର୍ମଚାରୀଙ୍କୁ ସମ୍ମାନୀତ କରାଯାଇଥିଲା । ସନ୍ଧ୍ୟା ୬ଟା ବେଳେ ଏହି ଭୁବନେଶ୍ୱରର ସାଂକୃତିକ ଅନୁଷ୍ଠାନ (ସୁର-ସନ୍ଧ୍ୟା) ତରଫରୁ ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜିର ଏହି ଉତ୍ସବରେ ଖୋର୍ଦ୍ଧା ଓ ଭୁବନେଶ୍ୱର ବାର ଆସୋସିଏସନର କର୍ମକର୍ତା, ଖୋର୍ଦ୍ଧା ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦିପ୍ତିରନ ରାଏଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଓ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହିଥିଲେ ।

# ସାଇ ସେନା ପକ୍ଷରୁ ଚନ୍ଦ୍ରଭାଗା ବେଳାଭୂମି ସଫେଇ



କୋଣାର୍କ, ୩/୨(ଶ୍ରୁ.ମି.) : କୋଣାର୍କ ଅଂଚଳର ସ୍ୱେଚ୍ଛାସେବି ଅନୁଷ୍ଠାନ ସାଇସେନା ପକ୍ଷରୁ ଚନ୍ଦ୍ରଭାଗା ବେଳାଭୂମିରେ ସଫେଇ କରାଯାଇଅଛି । ଅଜି ପ୍ରତ୍ୟୁସରୁ କୋଣାର୍କ ସାଇସେନା ର ସଭାପତି ଇଂ ସତ୍ୟଜିତ ନାୟକଙ୍କ ତତ୍ୱାବଧାନରେ ପ୍ରାୟ ୨୫ଜଣ ଯୁବକ ଯୁବତୀ ଏକତ୍ରିତ ହୋଇ ଚନ୍ଦ୍ରଭାଗା ବେଳାଭୂମି ସଫେଇ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସାଇ ସେନାର ଉପସଭାପତି ପଂଚାନନ ଲେଙ୍କା ସଂପାଦକ ବାପିନ କୁମାର ବେଉରା ଉପଦେଷ୍ଟା ନିର୍ମଳ କୁମାର ପ୍ରଧାନ, ବିଶ୍ୱଜିତ ଜେନା, ସତ୍ୟଜିତ ବେହେରା, ରଶ୍ମିତା ସ୍ୱାଇଁ, ନ୍ୟାୟବ୍ରତ ଖଟୁଆ,ସୁବାଷିଶ ମହାନ୍ତି, ସାଗର ସ୍ୱାଇଁ, ସୁଦର୍ଶନ ଦେଠୀ, ପ୍ରମୁଖ ଏହି ସଫେଇ କାର୍ଯ୍ୟକମରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଦେବପ୍ରସାଦ, ଚିନ୍ମୟ, ମନୋରମା, ମଧୁସ୍ମିତା, କର୍ମଜିତ ଓ ନାଗାର୍ଜୁନ ପ୍ରମୁଖ କର୍ମୀ ମାନେ ପରିଚାଳନା କରିଥିଲେ । ଆଗାମି ଦିନରେ ସେନା ପକ୍ଷରୁ କାର୍ଯ୍ୟକ୍ରମକୁ ତ୍ୱରାନିତ କରାଯିବା ସହ ବ୍ୟାପକ ବୃକ୍ଷ ରୋପଣ, ରକ୍ତଦାନ ଶିବିର ଏବଂ ସ୍ୱଛତା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ପଦକ୍ଷେପ ନିଆଯିବ ବୋଲି ସଂଗଠନର ଉପସଭାପତି ପଂଚାନନ ଲେଙ୍କା ପ୍ରକାଶ କରିଛନ୍ତି ।

# ଭୂଷଣର ଦୂଷିତ ଜଳରେ ନୂଆଗାଁର ବାଦାମ ଫସଲ ଉଜୁଡୁଛି

ଢେଙ୍କାନାଳ, ୩/୨(ଶ୍ରୁ.ମି.) : ଜିଲ୍ଲା ପ୍ରଶାସନ, ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପରିବେଶ ସମିତି ସମସ୍ତଙ୍କ ଜ୍ଞାତସାରରେ ମେରାମୁଣ୍ଡଳୀସ୍ଥିତ ଭୂଷଣ କଂପାନୀର ବ୍ୟାଟେରୀ ହାଉସ୍ ଓ କୋକ୍ ଓଭେନ୍‌ରୁ ବାହାରୁଥିବା ବିଷାକ୍ତ ରାସାୟନିକ ଜଳ ଅନବରତ ଭାବେ ଜଳପ୍ରପାତର ଭ୍ରମ ସୃଷ୍ଟି କରି କାରଖାନାର କଂକ୍ରିଟ୍ ପ୍ରାଚୀର ତଳ ହ୍ୟୁମ୍ ପାଇପ୍ ବାଟ ଦେଇ ନୂଆଗାଁର ଘରୋଇ ଜମିରେ ପ୍ରବେଶ କରୁଛି । ଘରୋଇ ଜମିରୁ ଏକ ନାଳ ଆକାରରେ ଯାଇ ନିକଟସ୍ଥ ଲିଙ୍ଗରା ନଦୀକୁ ପ୍ରଦୂଷିତ କରିବାରେ ଲାଗିଛି । ଏହି ଦୂଷିତ ଜଳ ନୂଆଗାଁ ପଂଚାୟତ ନୂଆଗାଁ ଗ୍ରାମର ରମେଶ ସାହୁ ଓ ବୁଲା ଦେହୁରୀଙ୍କ ଜମି ଉପର ଦେଇ ଲିଙ୍ଗରାରେ ମିଶିଛି । ଜଳ ପ୍ରଦୂଷଣ ହେତୁ ଲିଙ୍ଗରାରେ ମାଛ ମରୁଛନ୍ତି ଓ ଅନେକ ସମୟରେ ସେହି ମଲାମାଛ ଖାଇ ଲୋକେ ଅସୁସ୍ଥ ହେଉଥିବାର ଖବର ମିଳୁଛି । ସେତିକିରେ କଥା ସରୁନି । ଲିଙ୍ଗରା ନଦୀର ପ୍ରଦୂଷିତ ଜଳ ଚାଷ ଜମିରେ ବ୍ୟବହାର କରିବା ଦ୍ୱାରା ଚାଷୀ ଓ ଚାଷ ଉଜୁଡି ଯାଉଛି । ନିକଟରେ ଜାନୁଆରୀ ୨୭ ତାରିଖ ଅପରାହ୍ନରେ ଢେଙ୍କାନାଳ ସଚେତନ ନାଗରୀକ ଫୋରମ୍‌ର ସଦସ୍ୟ ପଙ୍କଜ ନାୟକ, ଗୁପ୍ତେଶ୍ୱର ମିଶ୍ର ଓ ସଭାପତି ପ୍ରଦ୍ୟୁମ୍ନ ରଥ ପ୍ରମୁଖ ନୂଆଗାଁର କ୍ଷତିଗ୍ରସ୍ତ ବାଦାମ ଫସଲ ବୁଲି ଦେଖିଥିଲେ । ଲିଙ୍ଗରାରୁ ପମ୍ପଯୋଗେ ବାଦାମ ଚାଷ ହୋଇଥିବା ଜମିରେ ପାଣି ମଡାଇବା ପରେ ବାଦାମ ଗଛ ଉଧଉନାହିଁ । ଅନେକ ଗଛ ଚାରିପତର ହେବାବେଳୁ ପୋଡି ଯାଉଛି । ନୂଆଗାଁର ପରମା ଗଡନାୟକ, କେଶବ ପାତ୍ର, ନିର୍ମଳ ସାହୁ ଓ ଅଭିବୋହି ପ୍ରମୁଖଙ୍କ ଏକର ଏକର ଜମିର ଅବସ୍ଥା ସମାନ ରହିଛି । ୧୫ଗୁଣ୍ଠ ଜମିରେ ବାଦାମ ଲଗାଇଥିବା ଚାଷୀ ପରମା ପ୍ରତିନିଧି ଦଳଙ୍କୁ ନେଇ ଜମିର ଅବସ୍ଥା ଦେଖାଇଥିଲେ । ଚାଷ ପାଇଁ ଲୁହ ଗଡାଉଥିବା କେନ୍ଦ୍ରର ବିଜେପି ସରକାର ଓ ରାଜ୍ୟର ବିଜେଡି ସରକାର କେହି ମଧ୍ୟ ଶିଳ୍ପ ସଂସ୍ଥାର ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ କଡାକଡି ପଦକ୍ଷେପ ଗ୍ରହଣ ନକରି ଚାଷୀ ଓ ମତ୍ସ୍ୟଜୀବିଙ୍କ ଜୀବନ ଜୀବିକାକୁ ପରୋକ୍ଷରେ ଉଜାଡି ଦେଉଛନ୍ତି ବୋଲି ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଥିଲେ ।

# ରାଜନଗରରେ ଶିକ୍ଷାବିଭାଗ ବିପର୍ଯ୍ୟସ୍ତ

## ବିଦ୍ୟାଳୟରେ ତାଲା, ମଧ୍ୟାହ୍ନ ଭୋଜନ ପୋର୍ଟାଲରେ ୪୫ପିଲା

ରାଜନଗର, ୩।୨(ଶ୍ରୁ.ମି.) : ରାଜନଗର ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । କେଉଁଠି ମଧ୍ୟାହ୍ନ ଭୋଜନ ବନ୍ଦ ତ ଆଉ କେଉଁଠି ବିଦ୍ୟାଳୟରେ ଝୁଲୁଛି ତାଲା । ତନଖି କରିବାକୁ କେହି ନାହାଁନ୍ତି । ସିଆରସିସିମାନେ ମାସିକିଆ ଚାନ୍ଦା ନେଇ ଶିକ୍ଷକମାନଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି । ୩ତାରିଖ ଶନିବାର ଦିନ ହାତିନା ପଚାଂୟତ କଏଥାସ୍ଥିତ ଭାବଗ୍ରାହୀ ଜୀୟୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା । ଅନୁସନ୍ଧାନରୁ ଜଣାଗଲା ଯେ, ଏହି ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀରେ ୪୫ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୨ଜଣ ଶିକ୍ଷକ ଅଛନ୍ତି । ମାତ୍ର ଶନିବାର ଦିନ ବିଦ୍ୟାଳୟରେ କୌଣସି ଛାତ୍ରଛାତ୍ରୀ ଓ ଶିକ୍ଷକ ନଥାଇ ତାଲା ଝୁଲୁଥିଲା । ମଧ୍ୟାହ୍ନ ଭୋଜନ ପୋର୍ଟାଲରେ ୪୫ଜଣ ଛାତ୍ରଛାତ୍ରୀଙ୍କ ପାଇଁ ରୋଷେଇ ହୋଇଥିବା ଉଲ୍ଲେଖ ଅଛି । ସ୍କୁଲ ନଖୋଲିବା ସହ ଚୁଲୀ ନଜଳି ୪୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ହଡପ ହେଉଥିବା ସ୍ପଷ୍ଟ ହୋଇଯାଇଛି । ଏସଂପର୍କରେ ବ୍ଲକ ଶିକ୍ଷାଧିକାରୀ ଅନନ୍ତ କେଶରୀ ବେହେରାଙ୍କୁ ପଚାରିବାରୁ ମୁଁ ଏବିଷୟରେ ଖବରପାଇ ସିଆରସିସିଙ୍କୁ ତଦନ୍ତ କରି ରିପୋର୍ଟ କରିବାକୁ କହିଥିଲି । ସେ କଣ କଲେ ମୁଁ ଅଫିସକୁ ଗଲେ ବୁଝିବି ବୋଲି କହି କଥାକୁ ଏଡାଇ ଯାଇଥିଲେ । ବ୍ଲକ ଶିକ୍ଷାଧିକାରୀ, ମଧ୍ୟାହ୍ନ ଭୋଜନ ନୋଡାଲ ଅଫିସର ଓ ସହକାରୀ ମଧ୍ୟାହ୍ନ ଭୋଜନ ନୋଡାଲ ଅଫିସରଙ୍କ ତଦାରଖ ଅଭାବରୁ ଏଭଳି ଘଟଣା ଘଟି ଚାଲିଛି । ବିଶେଷକରି ବ୍ଲକରେ ମଧ୍ୟାହ୍ନ ଭୋଜନ ଚାଉଳ ହଡପ ଘଟଣା ନଲିଭୁଣୁ ବିନା ରୋଷେଇରେ ଏସଏମଏସ ମାଧ୍ୟମରେ ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ଖାଉଥିବା ଘଟଣା ଜିଲ୍ଲା ଓ ବ୍ଲକର ମଧ୍ୟାହ୍ନ ଭୋଜନର ନୋଡାଲ ଅଫିସରଙ୍କ ଲାଂଚ ଖିଆ ମନୋବୃତୀକୁ ପଦାକୁ ଆଣିଥିବା ସାଧାରଣରେ ଆଲୋଚନା ହେଉଛି । ଏହି ମଧ୍ୟାହ୍ନ ଭୋଜନ ଘୋଟାଲାକୁ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ସମାଜସେବୀ ବାପି ମହାନ୍ତି ସମ୍ମାନିତ

ତାଳଚେର,୩/୨(ଶ୍ରୁ.ମି): ଇତିଶ୍ରୀ ହତ୍ୟାକାଣ୍ଡ, କୁନ୍ଦୁଲିପୀଡ଼ିତା, ବେବିନା ହତ୍ୟାକାଣ୍ଡ ବିରୁଦ୍ଧରେ ସ୍ୱର ଉତ୍ତୋଳନ ସମେତ ସମାଜରେ ନାରୀମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ତଥା ସମାଜର ମଙ୍ଗଳପାଇଁ ଗରୀବ ଲୋକମାନଙ୍କୁ ସହଯୋଗର ହାତ ବଢ଼ାଉଥିବା ଏବଂ ଅସାମାଜିକ ବ୍ୟକ୍ତିଙ୍କୁ ସଠିକ୍ ରାସ୍ତାକୁ ଆଣିବା ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥା 'ଦିଶା' ପକ୍ଷରୁ ଏହାର ସପ୍ତମ ବାର୍ଷିକ ଉତ୍ସବ ଅବସରରେ ସମାଜସେବୀ ବାପି ମହାନ୍ତିଙ୍କୁ ବିଶିଷ୍ଟ ଯୁବସମାଜସେବୀ ସମ୍ମାନରେ ସମ୍ମାନୀତ କରାଯାଇଛି । ତାଳଚେର ଟାଉନ ୯ନଂ-ଓ୍ୱାର୍ଡ଼ ବାସିନ୍ଦା ଶ୍ରୀ ମହାନ୍ତିଙ୍କୁ ଏତାଦୃଶ ସମ୍ମାନ ପ୍ରଦାନ କରାଯାଇଥିବାରୁ ତାଳଚେରବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଭୂବନେଶ୍ୱର ରବିନ୍ଦ୍ର ମଣ୍ଡପଠାରେ ଆୟୋଜିତ ଦିଶା ପକ୍ଷରୁ ୭ମ ବାର୍ଷିକ ଉତ୍ସବରେ ନିର୍ଦ୍ଦେଶକ ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି, ମୁଖ୍ୟବକ୍ତାଭାବେ ବିଶିଷ୍ଟ ସମାଜସେବୀ ନମ୍ରତା ଚଢ଼ା, ଲିଙ୍କନ ସୁବୁଦ୍ଧି, ପ୍ରୀତିଛନ୍ଦା ଧଳ, କିଶାନ୍ ତରାଇ, ସସ୍ମିତା ଦାସ, କିନ୍ନର ସଂଘର ସାଧନା ମିଶ୍ର ପ୍ରମୁଖ ଯୋଗ ଦେଇ ଶ୍ରୀ ମହାନ୍ତିଙ୍କୁ ମାନପତ୍ର ଏବଂ ଉତରୀୟ ଦେଇ ସମ୍ମାନିତ କରିଥିଲେ । ଉକ୍ତ ସଭାରେ ଚଳଚ୍ଚିତ୍ର ଅଭିନେତା ବୁଲୁ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ 'ଦିଶା'ର ସମସ୍ତ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।



# ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗୀତାର ପ୍ରସ୍ତୁତି ବୈଠକ

**ବଲାଙ୍ଗିର,** ୦୩/୦୨(ଶ୍ରୁ.ମି.) : ସ୍ଥାନୀୟ ସରକାରୀ ବାଳିକା ବିଦ୍ୟାଳୟଠାରେ ଜିଲ୍ଲା ବିଜ୍ଞାନ ସୋସାଇଟିର କର୍ମକର୍ତ୍ତାଙ୍କୁ ନେଇ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗୀତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁସାରେ ଚଳିତ ବର୍ଷ ୫୮ଜଣ ଇନ୍‌ସ୍ପାୟାର ଏୱାର୍ଡିଙ୍କୁ ଆସନ୍ତା ୦୭.୦୨.୨୦୧୮ ଦିନ ପି.ପି.ଏକାଡେମୀଠାରେ ଏକ ଦିବସୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସକାଳ ୯ଟାରୁ ପ୍ରକଳ୍ପ ପଞ୍ଜିକରଣ ହୋଇ ବିଚାରକ ମାନଙ୍କ ଦ୍ୱାରା ପ୍ରକଳ୍ପ ଚୟନ କରାଯିବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲା ବିଜ୍ଞାନ ତତ୍ତ୍ୱାବଧାରକ ନିଳମଣୀ ପଟେଲଙ୍କ ସଂଯୋଜନାରେ ସନାତନ ଠାକୁର ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା ତଥା ଆୟୋଜନ କରିବାପାଇଁ ଅନୁରୋଧ କରିଥିଲେ ।

# ୬ଜଣିଆ ଆନ୍ତଃ ଜିଲ୍ଲା ଲୁଟେରା ଗ୍ୟାଙ୍ଗ ଗିରଫ



## ପିସ୍ତଲ, ବୋମା, ଖଣ୍ଡା, ୪ ବାଇକ୍ ସହ ୨୦ ହଜାର ଟଙ୍କା ଜବତ

ଆସିକା, ୩/୨(ଶ୍ରୁ.ମି.) : ଗଞ୍ଜାମ ଜିଲ୍ଲାର ୬ ଥାନା ସମେତ ଗଜପତି ଜିଲ୍ଲାର ମୋଉଦା ଥାନା ଇଲାକାରେ ସକ୍ରିୟ ଥିବା ଛଅ ଜଣିଆ ଲୁଟେରା ଦଳକୁ ଆସିକା ପୋଲିସ ଗିରଫ କରିଛି । ଶୁକ୍ରବାର ବିଳମ୍ବିତ ରାତ୍ରରେ ଏହି ଛଅଜଣିଆ ଦଳ ଆସିକା-ଭଞ୍ଜନଗର ମୁଖ୍ୟ ସଡକପଥର ଜଗଦଳପୁର ବସଷ୍ଟପ୍‌ରେ ରହାଜାନୀ କରିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିବାବେଳେ ସବ୍‌ଇନ୍‌ସ୍ପେକ୍ଟର ପ୍ରିୟଦର୍ଶନୀ ଖଟୁଆଙ୍କ ନେତୃତ୍ୱରେ ଚାଲିଥିବା ସଶସ୍ତ୍ର ପୋଲିସ ପେଟ୍ରୋଲିଂ ଟିମ୍ ହାବୁଡରେ ପଡିଥିଲେ । ପୋଲିସ ନଳକଣ୍ଠା ଗ୍ରାମର ଭିକି ଓରଫ ବିକ୍ରମ ମିଶ୍ର, ନୂଆଗାଁର ରାଜା ବିଶ୍ୱାଳ ସାହେବ ବଗଡ ଗ୍ରାମର ସୁପ୍ରିୟ ସ୍ୱାଇଁ, ଧରାକୋଟ ଥାନା ଅନ୍ତର୍ଗତ ଡଉଗାଁର ଅଲେଖ ନାୟକ, ହିଂଜିଳି ଥାନା ପୋଟିଲିମା ଗ୍ରାମର ଗଣେଷ ମୁନୀ କବି ସୂର୍ଯ୍ୟ ନଗର ଥାନା ଦେଗ୍ରାମର ଦୁର୍ଗା ପଲାଇଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୪ଟି ବାଇକ୍, ଗୋଟିଏ ଦେଶୀ ପିସ୍ତଲ, ୨ ବୋମା, ଖଣ୍ଡା ଓ ୨୦ ହଜାର ନଗଦ ଟଙ୍କା ଜବତ କରିଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ପ୍ରକାଶ କରିଛନ୍ତି । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଶେରଗଡ, ବଡଗଡ, ପାଟପୁର, ଦିଗପହଣ୍ଡି, ରମ୍ଭା, ଆସିକା ଓ ମୋହନା ଥାନାରେ ୧୦ରୁ ଊର୍ଦ୍ଧ୍ୱ ଚୋରି ଓ ରାହାଜାନୀ ମାମଲା ରହିଥିବା ପୋଲିସ ତଦନ୍ତରୁ ଜଣାପଡିଛି । କେସ ନଂ-୩୯/୧୮ରେ ମାମଲା ରୁଜୁ କରି ବିଭିନ୍ନ ଫୌଜଦାରୀ ଧାରାରେ ଶନିବାର ଦିନ କୋର୍ଟ ଚାଲାଣ କରାଯାଇଛି ।

# ସକ୍ଷମ ସାଇକ୍ଲୋଥୋନ୍ ଉଦଘାଟନ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର, ୩।୨(ହିସ) – ଇନ୍ଧନ ସଂରକ୍ଷଣ ସମ୍ପର୍କିତ ବାର୍ତା ପ୍ରଚାର କରିବା ପାଇଁ ତୈଳ ନିଗମ ଏବଂ ପେଟ୍ରୋଲିୟମ୍ ସଂରକ୍ଷଣ ଅନୁସନ୍ଧାନ ସଂଘ (ପିସିଆରଏ)ଆନୁକୂଲ୍ୟରେ ଆସନ୍ତାକାଲି ଭୋର ୫ଟା ୩୦ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ସକ୍ଷମ ସାଇକ୍ଲୋଥୋନ୍ ଆୟୋଜିତ ହେବ । କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଉତ୍ସବର ଉଦଘାଟନ କରିବେ । ଆସନ୍ତୁ ସାଇକେଲ ଚଳାଇବା , ନିଜକୁ ସୁସ୍ଥ ରଖିବା , ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ଏବଂ ଇନ୍ଧନ ବଂଚାଇବା ସ୍ଲୋଗାନ୍ ନେଇ ଏହି ସାଇକ୍ଲୋଥୋନ୍ ଆୟୋଜିତ ହୋଇଛି । ଉଭୟ ପେଷାଦାର ମହିଳା/ ପୁରୁଷ ଓ ସାଧାରଣ ବର୍ଗ ରେସ୍ ବିଭାଗରେ ଏହି ସାଇକ୍ଲୋଥୋନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିପାଇଁ କୌଣସି ବୟସ ସୀମା ରଖାଯାଇ ନାହିଁ । କଳିଙ୍ଗ ଷ୍ଟାଡିୟମରୁ ସାଇକେଲ ଯାତ୍ରା ଆରମ୍ଭ ହୋଇ ରାମ ମନ୍ଦିର , ଶିଶୁ ଭବନ ଦେଇ ପୁଣି ଷ୍ଟାଡିୟମ୍ ପ୍ରତ୍ୟାବର୍ତନ କରିବ । ପେଷାଦାର ପୁରୁଷ ବିଭାଗ ପାଇଁ ୩୩ କିମି , ପେଷାଦାର ମହିଳା ବିଭାଗ ପାଇଁ ୨୨ କିମି ଏବଂ ସାଧାରଣ ବର୍ଗ ପାଇଁ ଏହି ରେସ୍ କୁ ୧୧ କିମି ରଖାଯାଇଛି । ଏଥିରେ ଭାଗ ନେବା ପାଇଁ କୌଣସି ଶୁଳ୍କ ଦେବାକୁ ପଡିବ ନାହିଁ । ଏହାପୂର୍ବରୁ ଏଥିରେ ଭାଗ ନେବାକୁ ଥିବା ପ୍ରତିଯୋଗୀ ମାନଙ୍କୁ ଟି ଶାର୍ଟ , ହେଲମେଟ୍ , ରିଷ୍ଟ ବ୍ୟାଣ୍ଡ୍ ଓ ପିଠିରେ ପକାଇବା ବ୍ୟାଗ୍ ଦିଆଯାଇଛି । ପ୍ରତିଯୋଗୀ ମାନେ ନିଜ ସାଇକେଲ ଆଣିବାକୁ କୁହାଯାଇଛି । ସେହିପରି ଲକି ଡ୍ର ମାଧ୍ୟମରେ ୫୦ ଜଣଙ୍କୁ ୫୦ଟି ସାଇକେଲ ମଧ୍ୟ ପ୍ରଦାନ କରାଯିବ ।

# ଆରଏସପି ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ନେହରୁ ସ୍ମାରକୀ ପୁରସ୍କାର ପ୍ରଦାନ





ରାଉରକେଲା, ୩।୨ (ଶ୍ରୁ.ମି) : ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ବିଦ୍ୟାଳୟଗୁଡିକର ୬ ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବୋର୍ଡ ପରୀକ୍ଷାରେ ସେମାନଙ୍କର ପ୍ରଶଂସନୀୟ ପ୍ରଦର୍ଶନ ନିମନ୍ତେ ନେହରୁ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଛି । ଜାନୁୟାରୀ ୨୭ ତାରିଖରେ ସିଭିକ ସେଣ୍ଟରଠାରେ ଆୟୋଜିତ ଏକ ପୁରସ୍କାର ଉତ୍ସବରେ ଆରଏସପିର ସିଇଓ ଅଶ୍ୱିନୀ କୁମାର ସେମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗ ଇଡି ପି.କେ. ପ୍ରଧାନ କାର୍ଯ୍ୟ ବିଭାଗର ଇଡି ଶୁଭେନ୍ଦ୍ର ଦାସ, ଏମଏମ ବିଭାଗର ଇଡି ପରମାନନ୍ଦ ସାହୁ, ପ୍ରକଳ୍ପ ବିଭାଗର ଇଡି ରାଜୀବ ଅଗ୍ରୱାଲ, ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶକ୍ଷିକ ଶିକ୍ଷୟିତ୍ରୀ ଉପସ୍ଥିତଥିଲେ ।

ପୁରସ୍କୃତ ଛାତ୍ରଛାତ୍ରୀମାନେ ହେଲେ ଆଇସିଏସଇ ଦଶମ ଶ୍ରେଣୀ ନିମନ୍ତେ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେକ୍ଟର ୨୦ର ଛାତ୍ରୀ, ସୁଶ୍ରୀ ପ୍ରୀତି ମଞ୍ଜରୀ ସାହୁ ଓ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେକ୍ଟର ୨୨ର ଛାତ୍ରୀ ସୁଶ୍ରୀ ଭାସ୍ୱତୀ ସିଂହ ଆଇଏସସି ଦ୍ୱାଦଶ ବିଜ୍ଞାନ ନିମନ୍ତେ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେକ୍ଟର ୨୦ର ଛାତ୍ର, ଦେବବ୍ରତ ପଣ୍ଡା, ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡ ଯୁକ୍ତ ଦୁଇ ବିଜ୍ଞାନ ନିମନ୍ତେ ଇସ୍ପାତ ବିଦ୍ୟାମନ୍ଦିରର ଛାତ୍ର ସୁଗମ ବେହେରା, ଯୁକ୍ତ ଦୁଇ କଳା ନିମନ୍ତେ ସୁଶ୍ରୀ ଜ୍ୟୋତିର୍ମୟୀ ବେହେରା ଏବଂ ଯୁକ୍ତ ଦୁଇ ବାଣିଜ୍ୟ ନିମନ୍ତେ ସୁଶ୍ରୀ ପୁଷ୍ପାଞ୍ଜଳି ସାହୁ । ସୂଚନାଯୋଗ୍ୟ ଯେ ଅଧ୍ୟୟନରେ ଉତ୍କର୍ଷତା ହାସଲକାରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ନିମନ୍ତେ ନେହେରୁ ସ୍ମାରକୀ ପୁରସ୍କାର ଯୋଜନା ୧୯୭୬ ମସିହାରେ ପ୍ରାରମ୍ଭ ହୋଇଥଲା । ଏହି ପୁରସ୍କାର ଯୋଜନା ଅଧୀନରେ ଆରଏସପି ପରିଚାଳିତ ବିଦ୍ୟାଳୟଗୁଡିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ନିଜ ନିଜ ବିଦ୍ୟାଳୟରେ ଏଚଏସସି, ଆଇସିଏସଇ, ଆଇଏସସି ଏବଂ ଯୁକ୍ତ ଦୁଇ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ ନିମନ୍ତେ ୨ ହଜାର ଟଙ୍କା ପୁରସ୍କାର ରାଶି ଓ ମାନପତ୍ର ପ୍ରଦାନ କରାଯାଉଛି ।

# କିସ୍‌ରେ ସ୍ମାର୍ଟ କ୍ଲାସରୁମ୍ ବ୍ୟବସ୍ଥା




ଭୁବନେଶ୍ୱର, ୩/୨, କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍(କିସ୍)ରେ ବହୁରାଷ୍ଟ୍ରୀୟ କମ୍ପ୍ୟୁଟର୍ ବୈଷୟିକ ଜ୍ଞାନ କୌଶଳ କମ୍ପାନୀ ଓରାକଲ୍ ସହଯୋଗରେ ସ୍ମାର୍ଟ କ୍ଲାସ ରୁମ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । କିସ୍‌ରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ପାଠ ପଢୁଥିବା ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀ ଗୃହରେ ଦୃଶ୍ୟ ଶ୍ରାବ୍ୟ ବ୍ୟବସ୍ଥା ମାଧ୍ୟମରେ ବିଜ୍ଞାନ, ଗଣିତ, ଇଞ୍ଜିନିୟରିଂ ଓ କଳା ଆଦି ବିଷୟରେ ଶିକ୍ଷାଦାନ କରାଯାଉଛି । ଏଥିପାଇଁ ଓରାକଲ୍ ସହଯୋଗରେ ୧୦୦ ସ୍ମାର୍ଟ କ୍ଲାସରୁମ୍ ନିର୍ମାଣ କରାଯାଇଛି । ଓରାକଲ୍ ତାର ସିଏସ୍‌ଆର୍ କାର୍ଯ୍ୟକ୍ରମରେ ଦେଶର ୯୯ଟି ଅନୁଷ୍ଠାନକୁ ବିଭିନ୍ନ କ୍ଷେତ୍ରରେ ସହଯୋଗ ଯୋଗାଇ ଦେଉଛି । ଚ୍ୟାରିଟି ଏଡ୍ ଫାଉଣ୍ଡେସନ୍ ଜରିଆରେ କିସ୍‌କୁ ଓରାକଲ୍ ଏହି ସ୍ମାର୍ଟ କ୍ଲାସ୍ ପ୍ରକଳ୍ପ ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇ ଦେଇଛି । ଏହି ସ୍ମାର୍ଟ କ୍ଲାସ୍ ରୁମ୍ ପ୍ରକଳ୍ପରେ ଶ୍ରେଣୀ ଗୃହରେ ଇଂଟରଆକ୍ଟିଭ୍ ପ୍ରୋଜେକ୍ଟର ବ୍ୟବସ୍ଥା ସମେତ ସମସ୍ତ ପ୍ରକାର ବିଶ୍ୱସ୍ତରୀୟ ସୁବିଧା ରହିଛି । ପାରମ୍ପରିକ ଶିକ୍ଷା ବ୍ୟବସ୍ଥା ଅପେକ୍ଷା ସ୍ମାର୍ଟ କ୍ଲାସ୍‌ରୁମ୍ ଶିକ୍ଷା ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କ ପାଇଁ ଆନନ୍ଦଦାୟକ ହୋଇଥିବା ବେଳେ ପିଲାମାନେ ଗଣିତ, ବିଜ୍ଞାନ ଆଦି ବିଭିନ୍ନ ବିଷୟରେ ଥିବା ସଂଶୟ ଓ ସମାସ୍ୟା ସହଜରେ ସମାଧାନ କରିପାରୁଛନ୍ତି । ସମସ୍ତ ଶିଶୁଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ପାଇଁ କିସ୍‌ର ଲକ୍ଷ୍ୟ ପୂରଣ ଦିଗରେ ଏହା ଯଥେଷ୍ଟ ସହାୟକ ହୋଇଛି ।

# ବାପୁ ମୋମାରିଆଲ କ୍ରିକେଟର ୭ମ ଦିବସ

ଭଦ୍ରକ, ୦୩/୨(ହି.ସ.) – ବାପୁ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଚରମ୍ପା ଠାରେ ଚାଲିଥିବା ତୃତୀୟ ବାପୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟର ଆଜି ଥିଲା ୭ମ ଦିବସ । ପ୍ରଥମ ମ୍ୟାଚରେ ଟସ ଜିତି ପ୍ରଥମେ ବେଟିଂ କରି ଭଦ୍ରକ ବାଇପାସର ବ୍ଲୁ ୱାରିଅସି ୧୫ ଓଭରରେ ୫ ୱିକେଟ ହରାଇ ୧୮୫ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଗୋପାଳପୁର କ୍ଲବ ୧୪.୨ ଓଭରରେ ୫ ୱିକେଟରେ ୧୮୬ ରନ କରି ବିଜୟ ହୋଇଥିଲା । ଦଳ ପକ୍ଷରୁ କୈଳାସ ସୂତାର ୬୯ ରନ କରି ମ୍ୟାନ ଅଫ ଦମ୍ୟାଚ ବିବେଚିତ ହୋଇଥିଲେଫ ୨ୟ ମ୍ୟାଚ ବରପଦାର ଇମେଜ ଏକାଦସ ଓ ପଗଡ଼ର ଏମବିଟିସିଟି ମଧ୍ୟରେ ହୋଇଥିଲା । ଏମବିସିଟି ଟସ ଜିତି ପ୍ରଥମେ ବେଟିଂ କରି ୧୪.୪ ଓଭରରେ ସମସ୍ତ ୱିକେଟ ହରାଇ ୯୪ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ଇମେଜ ଏକାଦସ ୧୦.୩ ଓଭରରେ ୪ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟ ହୋଇଥିଲା । ଉକ୍ତ ଦୁଇଟି ମ୍ୟାଚକୁ ବିକ୍ରମ ଯାଦବ ଓ ଅଶୋକ ଛତର ପରିଚାଳନା କରିଥିଲେ ।। ଲାକ୍ଷାଦୀପ ଦାସ ଓ ନିରଂଜନ ଛତର ଖେଳ ପରିଚାଳନା କରିଥିବା ବେଳେ ରଂଜିତ ଦାସ ସ୍କୋରର ଦାୟିତ୍ୱ ତୁଲାଇଥିଲେ । କ୍ଲବର ସଦସ୍ୟ ପ୍ରିତମ ଦାସ, ଲାଲଦୀପ ଦାସ, ବିକ୍ରମ ଜେନା, ଅଜୟ ନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତାର ପ୍ରସ୍ତୁତି

ବଲାଙ୍ଗିର,୩।୨ (ଶ୍ରୁ.ମି) : ସ୍ଥାନୀୟ ସରକାରୀ ବାଳିକା ବିଦ୍ୟାଳୟଠାରେ ଜିଲ୍ଲା ବିଜ୍ଞାନ ସୋସାଇଟିର କର୍ମକର୍ତ୍ତାଙ୍କୁ ନେଇ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗୀତା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁସାରେ ଚଳିତ ବର୍ଷ ୫୮ଜଣ ଇନ୍‌ସ୍ପାୟାର ଏୱାର୍ଡିଙ୍କୁ ଆସନ୍ତା ୦୭.୦୨.୨୦୧୮ ଦିନ ପି.ପି.ଏକାଡେମୀଠାରେ ଏକ ଦିବସୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସକାଳ ୯ଟାରୁ ପ୍ରକଳ୍ପ ପଞ୍ଜିକରଣ ହୋଇ ବିଚାରକ ମାନଙ୍କ ଦ୍ୱାରା ପ୍ରକଳ୍ପ ଚୟନ କରାଯିବାର କାର୍ଯ୍ୟକ୍ରମ ରହିଛି ।

# ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ ୬୬୯୬ଜଣ ଛାତ୍ରଛାତ୍ରୀ

ମାଲକାନଗିରି, ୩।୨(ହି.ସ.): ଚଳିତ ମାସ ୨୩ ତାରିଖରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା ନିମନ୍ତେ ଜିଲ୍ଲାର ୩୨ଟି ପରୀକ୍ଷା କେନ୍ଦ୍ରରେ ୬୬୯୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ସେମାନଙ୍କ ମଧ୍ୟରୁ ରେଗୁଲାରରେ ୬୨୦୮ ଜଣ, ଏକ୍ସରେଗୁଲାରରେ ୪୬୮ ଜଣ ଓ ପତ୍ର ବିନିମୟରେ ୨୦ ଜଣ ପରୀକ୍ଷାର୍ଥୀ ରହିଛନ୍ତି । ଏଥିପାଇଁ ୧୦ଟି ନୋଡାଲ ସେଂଟର କରାଯାଇଛି । ଜିଲ୍ଲାର ମାଲକାନଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୪୭ ଜଣ, ମାଲକାନଗିରି ବାଳିକା ବିଦ୍ୟାଳୟରେ ୩୨୭ ଜଣ, ଏମଭି ୯ ରାମକୃଷ୍ଣ ବିଦ୍ୟାଳୟରେ ୧୨୫ ଜଣ, ଏମଭି ୭ ଜଗନ୍ନାଥପଲ୍ଲି ବିଦ୍ୟାଳୟରେ ୨୪୪ଜଣ, ଏସଏସଡି ହାଇସ୍କୁଲ ପ୍ରଦ୍ମଗିରିରେ ୨୪୯, ବିଏଲ ହାଇସ୍କୁଲ ସେରପଲ୍ଲିରେ ୨୪୨, ବାପୁଜୀ ହାଇସ୍କୁଲ ଅଁଳା ପଦରରେ ୨୦୮, ବାଲିମେଳା ହାଇସ୍କୁଲରେ ୩୨୯, ବାଲିମେଳା ବାଳିକା ବିଦ୍ୟାଳୟରେ ୨୨୨ ଜଣ, କୋରୁକୋଣ୍ଡା ହାଇସ୍କୁଲରେ ୨୭୯, ତାରଲାକୋଟାରେ ୨୨୦, ଏମପିଭି ୬ରେ ୧୫୨, ଶିଖପାଲ୍ଲିରେ ୨୮୮, ମାଥିଲିରେ ୧୭୭ଜଣ, ଗୋବିନ୍ଦପାଲ୍ଲିରେ ୩୧୬, ପାଙ୍ଗାମରେ ୨୩୮, କିଆଙ୍ଗରେ ୧୦୯, କାଳିଆଗୁଡ଼ାରେ ୮୬, ଏସଏସଡି ହାଇସ୍କୁଲ ମାଥିଲି ୨୨୮, ମହୁପଦର ୯୫, ପଡ଼ିଆରେ ୧୧୧, କାଲିମେଳାରେ ୨୩୪, ଏସଏସଡି ହାଇସ୍କୁଲ କାଲିମେଳା ୨୫୭, ଏମପିଭି ୨୧ରେ ୧୧୭, କାଙ୍ଗୁରୁକୋଣ୍ଡାରେ ୨୪୭, ଏସଏସଡି ହାଇସ୍କୁଲ ଗମ୍ପାକୋଣ୍ଡାରେ ୬୨, ଚିତ୍ରକୋଣ୍ଡାରେ ୧୯୪, ଏମଭି ୭୯ ସାବେରି ବିଦ୍ୟାଭବନରେ ୨୯୯, ଏସଏସଡି ହାଇସ୍କୁଲ ଏମଭି ୭୯ରେ ୨୪୧, ଏମପିଭି ୯୧ରେ ୨୩୬, ଖଇରପୁଟରେ ୧୬୪ ଓ କୁଡୁମୁଲୁଗୁମ୍ମା ପରୀକ୍ଷା କେନ୍ଦ୍ରରେ ୧୫୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ।



ପୁରୀ ବେଳାଭୂମୀରେ ମାନସ ସାହୁଙ୍କ ଦ୍ୱାରା ବିଶ୍ୱ କର୍କଟ ଦିବସ ଅବସରରେ ବାଲୁକା କଳା ପ୍ରଦର୍ଶିତ

# ମହମ୍ମଦ ହନିଫ୍ ଚ୍ୟାରିଟି ଫୁଟବଲରେ ୟୁନାଇଟେଡ଼ କ୍ଲବ ବିଜୟୀ

ଭଦ୍ରକ, ୦୩/୨(ହି.ସ.) : ପୁରୁଣା ବଜାର ଯୁବକ ସଂଘ ତରଫରୁ ପୁରୁଣାବଜାର ମହାବୀର ପଡ଼ିଆ ଠାରେ ମହମ୍ମଦ ହନିଫ ଚ୍ୟାରିଟି ଫୁଟବଲ ଖେଳ ଉଦଯାପିତରେ ଜେ.ଏଫ.ସି ଜଗନ୍ନାଥପୁର କୁ ଗୋଟିଏ ଗୋଲରେ ହରାଇ ୟୁନାଇଟେଡ଼ କ୍ଲବ ବିଜୟୀ ହୋଇଥିଲା । ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଭାଜପା ଓଡ଼ିଶାର ପୁର୍ବତନ ସାଧାରଣ ସମ୍ପାଦକ ମୁରଲି ମନୋହର, ସମ୍ମାନିତ ଅତିଥି ଭାବେ ପୁର୍ବତନ ସଂପାଦକ ତୁଷାର କାନ୍ତ ଜେନା, ମୁଖ୍ୟ ବକ୍ତା ଭାବେ ଅନିଲ ଭାଇଜୀ ଯୋଗଦାନ କରି ଦୁଇ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳରେ ରେଫରୀ ଭାବେ ମିର୍ଜା ଇଜାଜ ବେଗ୍, ସେଖ ସମଦାନୀ ଓ ଜିଲାନୀ ଖାନ ଦାୟିତ୍ୱ ତୁଲାଇଥିଲେ । ଖେଳରେ ରଜାଓ୍ୱଲା ଖାଁ, ସେକ ସାବାଜ କାଦରୀ ଓ ଇଫେତେଖାର ଅଲ୍ଲୀ ପ୍ରମଖ ମାନେ ପରିଚାଳନା କରିଥିଲେ ଏବଂ ଏହି ଖେଳରେ କମେଣ୍ଟ୍ରି ଭାବେ ମୁସ୍ତାକ ଗୌହର ସଂଯୋଜନା କରିଥିଲେ ।

# ଜଗନ୍ନାଥ ବିଦ୍ୟାପୀଠର ଛାତ୍ରୀ ସମ୍ବର୍ଦ୍ଧିତ

ରାଜନଗର,୩।୨(ଶ୍ରୁ.ମି) ; ରାଜନଗର ନିର୍ବାଚନ ମଣ୍ଡଳୀ ଅ'ର୍ଗତ ବାଲିଝାରୀସ୍ଥିତ ଜଗନ୍ନାଥ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ରୀ ନିବେଦିତା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରାଣୀ ମଙ୍ଗଳ ଅନୁଷ୍ଠାନ ଆପୋଆ ପକ୍ଷରୁ ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଅଲିଭରିଡଲେ କଇଁଛ ସଂରକ୍ଷଣ କାର୍ଯ୍ୟକ୍ରମକୁ ନେଇ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗୀତାରେ କୋଇଲିପୁର ପଚାଂୟତ କ୍ଷୀରକୋଟ ଗ୍ରାମର ନିତ୍ୟାନନ୍ଦ ଓ କୁଲତା ସ୍ୱାଇଁଙ୍କ ଝିଅ ନିବେଦିତା ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପଟ୍ଟାମୁଣ୍ଡାଇ ନିଗମ ମଣ୍ଡପଠାରେ ରାଧାରମଣ ମଠର ମଠାଧିଶ ଅସୀମାନନ୍ଦ ମହାରଜ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ଆପୋଆର ନିର୍ଦ୍ଦେଶକ ବିଜୟ କବି, ପ୍ରଧାନ ଶିକ୍ଷକ ବିବେକାନନ୍ଦ ମହାପାତ୍ର, ତପନକୁମାର ମିଶ୍ର ଓ ବିଭୁପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥାଇ ନିବେଦିତାଙ୍କୁ ଆର୍ଶୀବାଦ କରିଥିଲେ ।

# ଲକ୍ଷ୍ମୀନୃସିଂହ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ



ନିମାପଡ଼ା, ୩।୨ (ଶ୍ରୁ.ମି) : ସ୍ଥାନୀୟ ବ୍ଲକ ଅନ୍ତର୍ଗତ କୋଟକୁସାଙ୍ଗ ପଞ୍ଚାୟତସ୍ଥିତ ଲକ୍ଷ୍ମୀନୃସିଂହ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ଆଜି ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ଦିବ୍ୟସିଂହ ପ୍ରଧାନ ଅଧକ୍ଷତା କରିଥିଲେ । ସାଂସଦ ଡଃ କୁଳମଣୀ ସାମଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ସମୀର ରନ ଦାଶ ମୁଖ୍ୟବକ୍ତା, ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ, ପିପିଏଲର ପୂର୍ବତନ ମହାପ୍ରବନ୍ଧକ ଦିଲ୍ଲୀପ କୁମାର ପଟ୍ଟନାୟକ, ଅବସର ପ୍ରାପ୍ତ ଅଧାପକ ଲକ୍ଷ୍ମୀଧର ପଣ୍ଡା, ପୁରୀ–ନିମାପଡ଼ା ସମ୍ମିଳିତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସତ୍ୟବାଦୀ ମହାପାତ୍ର, ସମିତି ସଭ୍ୟ ସୁଶା' କୁମାର ପଟ୍ଟନାୟକ, ସରପଞ୍ଚ ଅମୂଲ୍ୟ ନାରାୟଣ ସିଂହ, ନିମାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଅଧାପକ ଜଗତ ପ୍ରସାଦ ସାବୁତ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଲେ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି ପାଇବ ବୋଲି ଅତିଥିମାନେ ଗରୁତ୍ୱାରୋପ କରିଥିଲେ । ବିଦ୍ୟାଳୟ ପକ୍ଷରୁ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ମରଣିକା 'ରୂପାୟନ' ଉନ୍ମୋଚିତ ହୋଇଥିଲା । କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଧାପକ ରାଜକିଶୋର ରଥ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ଚିତ୍ରସେନ ବାରିକ ବିବରଣୀ ପଠନ କରିଥିଲେ । ରାଜଧାନୀ ମହାବିଦ୍ୟାଳୟର ସହ–ପ୍ରାଧାପକ ଶୁଭ୍ରାଂଶୁ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂଘର ସଭାପତି ମନୋଜ କୁମାର ବିଶ୍ୱାଳଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଭ୍ୟ/ସଭ୍ୟା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ୟୁନିକ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା

କେନ୍ଦ୍ରାପଡା, ୩।୨ ( ଶୃ.ମି ) : ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଗୋଲରାହାଟ ଗ୍ରାମରେ ଥିବା ୟୁନିକ ପବ୍ଲିକ ସ୍କୁଲର ବାର୍ଷିକ କ୍ରିଡା ପ୍ରତିଯୋଗିତା ଗୁରୁବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଡେରାବିଶ ମିନି ଷ୍ଟାଡିୟମରେ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ପ୍ୟାରୀ ବିବିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ସ୍କୁଲର କୁନିକୁନି ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ୟାରୀ ବିବିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଛାତ୍ରଛାତ୍ରିମାନେ ଦୌଡ, ଲମ୍ବ ଡିଆଁ, ଗଣିତ ଦୌଡ, ସ୍କିପିଂ ଓ ମ୍ୟୁଜିକାଲ ଚେୟାର ପ୍ରଭୃତି ଖେଳରେ ଅଂଶ ଗ୍ରହଣ କରିଥିଲେ । ଶିକ୍ଷକ ନଇମ ଅଖତର ଓ ଅବ୍ଦୁଲ ରହେମାନ ବିଭିନ୍ନ ଖେଳକୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱାଲେହା ପରଓିନ, ଗୀତାଞ୍ଜଳୀ , ନଳୀନି ସାହୁ, ସସ୍ମୀତା ନାୟକ ଓ ସୁନୀତା ବଳ ପ୍ରମୁଖ ସହେଯାଗ କରିଥିଲେ ।

## ନଳିନୀ ମହାନ୍ତି ସ୍ମୃତି ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା

# ମହିଳା ପ୍ରଦର୍ଶନୀ ମ୍ୟାଚରେ କେନ୍ଦ୍ରାପଡା ବିଜୟୀ

ରାଜନଗର,୩।୨ (ଶ୍ରୁ.ମି) ; ରାଜନଗର ବ୍ଲକ ବନ୍ଧପଡା ପଚାଂୟତ ଦାଣ୍ଡିଠାରେ ବାବା ବୈଷ୍ଣବ ଗୋସ୍ୱାମୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ତୃତୀୟ ବାର୍ଷିକ ନଳିନୀ ମହାନ୍ତି ସ୍ମୃତି ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗୀତା ଅବସରରେ ମହିଳା ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ଖେଳରେ ଖୋର୍ଦ୍ଧା ମହିଳା କ୍ରିକେଟ କ୍ଲବକୁ ୮୫ ରନରେ ହରାଇ କେନ୍ଦ୍ରାପଡା ମହିଳା କ୍ରିକେଟ କ୍ଲବ ବିଜୟ ଲାଭ କରିଛି । ଖୋର୍ଦ୍ଧା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ କେନ୍ଦ୍ରାପଡା ଦଳକୁ ବ୍ୟାଟିଂ ପାଇଁ ଆହ୍ୱାନ ଦେଇଥିଲା । କେନ୍ଦ୍ରାପଡା ନିର୍ଦ୍ଧାରିତ ୨୦ଓଭରରେ ୮ଉଇକେଟ ହରାଇ ୧୪୭ରନ ସଂଗ୍ରହ କରିଥିଲା । ଦଳର ସୁନୀତା ମୁର୍ମୁ ୪୬ ବଲରେ ୭୦ ରନ ସଂଗ୍ରହ କରିଥିଲେ । ଖୋର୍ଦ୍ଧାର ବୋଲର ଚିନ୍ମୟୀ ୪ ଓଭରରେ ୨୫ରନ ଦେଇ ୩ଟି ଉଇକେଟ ହାସଲ କରିଥିଲେ । ଜବାବରେ ଖୋର୍ଦ୍ଧା କ୍ରିକେଟ ଦଳ ୧୭.୫ ଓଭରରେ ସମସ୍ତ ଉଇକେଟ ହରାଇ ୬୨ ରନ କରି ପରାସ୍ତ ହୋଇଥିଲା । ଏହି ଦଳର ଭବାନୀ ୧୦ବଲରେ ୧୮ ରନ ସଂଗ୍ରହ କରିଥିଲେ । କେନ୍ଦ୍ରାପଡାର ବୋଲର ଅନୁସୂୟା ୪ ଓଭର ବୋଲିଂକରି ୨୧ ରନ ଦେଇ ୪ଟି ଉଇକେଟ ଅକ୍ତିଆର କରିଥିଲେ । ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଓ ବେଷ୍ଟ ବ୍ୟାଟ୍ସମ୍ୟାନ ରୂପେ କେନ୍ଦ୍ରାପଡାର ସୁନୀତା ମୁର୍ମୁ ପାଇଥିବା ବେଳେ ଶ୍ରେଷ୍ଠ ବୋଲର ଭାବେ କେନ୍ଦ୍ରାପଡାର ଅନୁସୂୟା ଓ ଶ୍ରେଷ୍ଠ ଫିଲ୍ଡର ରୂପେ ଖୋର୍ଦ୍ଧାର ସୁନୀତାଙ୍କୁ ଅତିଥି ଭାବେ ଯୋଗଦେଇଥିବା ସଂସାରପଳ ସରଂପଚ ମିନତୀ ପାତ୍ର, ସ୍ଥାନୀୟ ପ୍ରଧାନ ଶିକ୍ଷୟତ୍ରୀ ଆଲୋକମଂଜରୀ ରାଉତ ଓ ୟୁଜିୟୁପି ପ୍ରଧାନ ଶିକ୍ଷୟତ୍ରୀ କୈଳାସୀ ଦାସ ପୁରସ୍କାର ପ୍ରଦାନ କରିବା ସହ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ବଂଶୀଧର ସ୍ୱାଇଁ, ନିରଂଜନ ଦାସ , ଅଂଜନ ବେହେରା ଖେଳ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ସୁଧିର ଜେନା, ହୃଷିକେଶ ରାଉଳ ଓ ନିହାର ରଂଜନ ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ । ସ୍କୋରର ଭାବେ ପବିତ୍ର ପାତ୍ର, ପବିତ୍ର ଜେନା ଓ ତୃଷାରକା' ସ୍ୱାଇଁ ଥିଲେ । ନଳିନୀ ମହାଁ ସ୍ମୃତି କମିଟିର ସଭାପତି ପ୍ରଦୀପ ନାୟକ ଓ ମ୍ୟାନେଜର ଶଚ୍ଚିଦାନନ୍ଦ ପାତ୍ର, ସମ୍ପାଦକ ଗୁରୁଚରଣ ବରାଳଙ୍କ ସହ କମିଟିର ସଭ୍ୟମାନେ ସହଯୋଗ କରିଥିଲେ । ଆସ'ାକାଲି ଫାଇନାଲ ମ୍ୟାଚରେ ଶ୍ରୀକ୍ଷେତ୍ରପାଳ ଭୁବନେଶ୍ୱର ଓ ନିମପୁର ସ୍ପୋର୍ଟିଂ ଜଗତପୁର ମଧ୍ୟରେ ଅନୁଷ୍ଠିତ ହେବ ।

Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-752101, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist- Khordha Tel- 9437279415, 9437770874,0674-2460825 E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର